ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.221 Bhubaneswar Friday, October 22, 2021 ୨୪ତମ ବର୍ଷ ସଂଖ୍ୟା-୨୨୧ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଭୁବନେଶ୍ୱର-ଜୟପୁର ପ୍ରତ୍ୟକ୍ଷ ବିମାନ ଉଡ଼ାଣ ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ମାଧ୍ୟମରେ ମାରୱାଡ଼ି ସମାଜ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛନ୍ତି

## ଗୋଟିଏ ଦିନରେ ୫୨୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୨୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୭୦୫୬ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୮୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୩ ହଜାର ୮୪୯ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୮୫୬ ରହିଛି। ଆଜି ଚିହ୍ନଟ ହୋଇଥିବା ୫୨୪ ଜଣଙ୍କ ମଧ୍ୟରୁ ୩୦୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୧୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୫୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪, ବାଲେଶ୍ୱରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨, ଭଦ୍ରକରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଟକରୁ ୬୬ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି। ଢେଙ୍କାନାଳ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରୁ ୧, ଜଗତସିଂହପୁର ଜିଲ୍ଲାରୁ ୧୬ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳରୁ ୧. କେନ୍ଦ୍ରାପଡ଼ାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଖୋର୍ଦ୍ଧାରୁ ୨୫୪ ଜଣ, କୋରାପୁଟ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।। ନୟାଗଡରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ପୁରୀରୁ ୧୧ ଜଣ, ରାୟଗଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୧୨ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୧୯ ଜଣ ଓ ଷ୍ଟେଟ୍ ପୁଲରୁ ୬୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ବର୍ତ୍ତମାନ ସ୍ଥିତିରେ ତୃତୀୟ ଲହର ଆଶଙ୍କା କମ୍

ଭୁବନେଶ୍ୱର, ୨୧।୧୦(ପି.ଏନ): ବର୍ତମାନ ସ୍ଥିତି ଯେପରି ଅଛି ତୃତୀୟ ଲହର ଆଶଙ୍କା କମ୍ ରହିଛି। କିନ୍ତୁ ଅନଲକ ହୋଇଛି ,ବିଭିନ୍ନ ଅନୁଷ୍ଠାନ ଖୋଲିଛି ଲୋକମାନେ ନିଜ ଆଡୁ ସତର୍କ ରୁହନ୍ତୁ। ଯେଉଁଠି କାର୍ଯ୍ୟ ହେଉଛି କୋଭିଡ ନିୟମ ଅନୁପାଳନ କରନ୍ତୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି।ସେ କହିଛନ୍ତି ପାର୍ବଣକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ କୋଭିଡ ଗାଇଡଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସତ୍ୱେ ଏହି ସମୟରେ ସଂକ୍ରମଣ ବଢିବ ବୋଲି ଆଶଙ୍କା କରାଯାଉଥିଲା। ତେବେ ଗତ ୭-୮ ଦିନ ମଧ୍ୟରେ ସଂକ୍ରମଣ କେତେ ବଢିଛି ଏବେ ଜଣାପଡ଼ିବ। କିନ୍ତୁ ବର୍ତମାନ ସୁଦ୍ଧା ଯେତିକି ବଢିଛି ତାହା ଉଦବେଗ ଜନକ ନୁହେଁ। କିନ୍ତୁ ଆଗକୁ ଅପେକ୍ଷା କରିବାକୁ ପଡିବ। ଯେଉଁ ସମୟରେ ଭିଡ଼ ଥିଲା ସେହି ସମୟ ଆସିନି।ତୃତୀୟ ଲହର ନେଇ ଏଂଡେମିକ ଭାଇରୋଲୋଜିଷ୍ଟ କହିଛନ୍ତି ଏବେ ଆମେ ଏଂଡେମୀକ ସ୍ତରରେ ଅଛୁ। ଏବେ ବି କୋଭିଡ ଅଛି। ପରିସ୍ଥିତି ଦେଖି ସଂକ୍ରମଣ କମୁଛି ଆଉ ବଢୁଛି। ମହାରାଷ୍ଟ୍ରରେ ଯେଉଁ ନୂଆ ଭ୍ୟାରିଆଂଟ ଚିହ୍ନଟ ହୋଇଛି ତାହାକୁ ନେଇ ବ୍ୟସ୍ତ ହେବାର କିଛି ନାହିଁ। ସେହି ଭ୍ୟାରିଆଂଟର କଂଟାକ୍ଟ ଟ୍ରେସିଂରୁ ଜଣାପଡ଼ିଛି କି ଅନ୍ୟ କେହି ସଂକ୍ରମିତ ବାହାରି ନାହାନ୍ତି। ଏ ବାବଦରେ କେନ୍ଦ୍ର ସରକାର କିମ୍ୱା ଆଇଏଲଏସ କିଛି ଅବଗତ କରାଇନାହାନ୍ତି।

## ପ୍ରଶାନ୍ତ ଜଗଦେବଙ୍କୁ ଜାମିନ୍

ଭୁବନେଶ୍ୱର, ୨୧।୧୦(ପି.ଏନ): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ମିଳିଛି ଜାମିନ୍। ବାଲୁଗାଁ ବିଜେପି ମଣ୍ଡଳ ସଭାପତିଙ୍କୁ ମାଡ଼ ମାରିବା ଘଟଣାରେ ଜେଲ୍ ଯାଇଥିବା ପ୍ରଶାନ୍ତଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ। ସାକ୍ଷୀଙ୍କୁ ପ୍ରଭାବିତ ନ କରିବାକୁ ସର୍ତ ରଖି ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି।

## ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗ : ଅଭିଯୁକ୍ତ ମନ୍ତ୍ରୀଙ୍କୁ ପୋଲିସ କାହିଁକି ତଦନ୍ତ ପରିସରଭୁକ୍ତ କରୁନାହିଁ :ବିଜେପି

ଭୁବନେଶ୍ୱର, ୨୧।୧୦(ପି.ଏନ): ମମିତା ମେହେରା ହତ୍ୟାକାଣ୍ଡ ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନାମ ଆଗକୁ ଆସିଛି। 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନୀତିରେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଦୋଷୀ ବୋଲି ସାବ୍ୟସ୍ତ କରି ଏହି ନାରକୀୟ ଘଟଣାର ମାଷ୍ଟରମାଇଣ୍ଡମାନଙ୍କୁ ଖସେଇ ଦେଲା ଭଳି କାହାଣୀ ଗତ କାଲି ପୋଲିସର ବରିଷ୍ଠ ଅଧିକାରୀମାନେ ଗଣମାଧ୍ୟମ ଜରିଆରେ ଓଡିଶାବାସୀଙ୍କ ସାମ୍ନାରେ ଉପସ୍ଥାପନା କରିଛନ୍ତି। ଯାହାକୁ ରାଜ୍ୟବାସୀ ଆଦୌ ଗ୍ରହଣ ଓ ବିଶ୍ୱାସ କରି ପାରୁନାହାନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିହାର କହିଛନ୍ତି।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ଲେଖାଶ୍ରୀ କହିଛନ୍ତି ଯେ, ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କ ଘନିଷ୍ଠ ସଂପର୍କ ରହିଥିବାର ବହୁ ପ୍ରମାଣ ମିଳିଛି। ଏ ସମସ୍ତ ତଥ୍ୟ ସାମ୍ନାକୁ ଆସିବା ପରେ ମଧ୍ୟ ପୋଲିସ କାହିଁକି ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରୁନାହାନ୍ତି ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।ପୋଲିସ ବିଭାଗ କାର୍ଯ୍ୟରେ ଶାସକ ବିଜେଡି ନିଜ ଶାସନ କ୍ଷମତାର ଅପବ୍ୟବହାର ଏବଂ ହସ୍ତକ୍ଷେପ କରି ଅପରାଧୀମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଏହି କାରଣରୁ ରାଜ୍ୟରେ ଦିନକୁ ଦିନ ହିଂସା, ହତ୍ୟାକାଣ୍ଡ, ଶିଶୁ ଓ ନାରୀ ନିର୍ଯ୍ୟାତନା ଭଳି ଜଘନ୍ୟ ଅପରାଧ ବୃଦ୍ଧି ପାଇଚାଲିଛି। ଯେଉଁ ଯେଉଁ ଅପରାଧିକ ଘଟଣାରେ ଶାସକ ବିଜେଡିର ମନ୍ତ୍ରୀ, ବିଧାୟକ ତଥା ନେତୃବୃନ୍ଦ ସାମିଲ ଥିବାର ଅଭିଯୋଗ ଆସୁଛି, ପୋଲିସ ସଂପୂର୍ଣ୍ଣ ଭାବେ ପକ୍ଷପାତିତା ଭାବେ ତଦନ୍ତ କରି ସେମାନଙ୍କୁ ଖସେଇ ଦେଉଛି। ପରୀ ଘଟଣାରେ ମନ୍ତ୍ରୀ ଅରୁଣ ସାହୁ; ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନା; ଏସସିଏଫ ସୌମ୍ୟରଂଜନ ହତ୍ୟାକାଣ୍ଡ ଘଟଣାରେ ମନ୍ତ୍ରୀ ବିକ୍ରମ ଆରୁଖଙ୍କ ସଂପୃକ୍ତି ଆଦି ଘଟଣାରେ ବାଧ୍ୟ ହୋଇ ତଦନ୍ତ କରିଥିବା ରାଜ୍ୟ ସରକାର ପରବର୍ତୀ ସମୟରେ ବିଭିନ୍ନ ମନଗଢା କାହାଣି କହି ଓଡିଶାବାସୀଙ୍କୁ ବିଭ୍ରାନ୍ତ କରିବା ସହ ଅଭିଯୁକ୍ତ ମନ୍ତ୍ରୀମାନଙ୍କୁ ଖସାଇ ଦେଇଛନ୍ତି।

## ଶିଶୁମାନଙ୍କ ଟିକାକରଣ ପାଇଁ ଆସନ୍ତାକାଲିଠାରୁ ରାଜ୍ୟରେ ଆରମ୍ଭ ହେବ ପ୍ରସ୍ତୁତି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୧।୧୦(ପି.ଏନ): ରାଜ୍ୟର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଆସନ୍ତାକାଲିଠାରୁ ରାଜ୍ୟରେ ଶିଶୁମାନଙ୍କୁ କୋଭିଡ୍ ଟିକା ଦେବା ପାଇଁ ପ୍ରସ୍ତୁତି ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ପକ୍ଷରୁ ଭର୍ଚୁଆଲ ମୋଡରେ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆମ ରାଜ୍ୟରେ କୋଟିଏ ଚାଳିଶି ଲକ୍ଷ ୨ ରୁ ୧୮ ବର୍ଷ ବୟସ୍କ ପିଲା ଅଛନ୍ତି। ସେ ଆହୁରି କହିଛନ୍ତି ଯେ ଆମେ ପ୍ରସ୍ତୁତ ଅଛୁ, ଯେକୌଣସି ମୁହୂର୍ତରେ ଅନୁମତି ମିଳିଲେ, କେନ୍ଦ୍ରରୁ ଆଉ ଟିକା ଆସିଲେ, ଆମେ ଶିଶୁମାନଙ୍କୁ ଟିକା ଦେବା ଆରମ୍ଭ କରିବୁ।ଆମ ଦେଶରେ ଶହେ କୋଟି ଟିକାକରଣ ଟପିଥିବାରୁ ସେ ପ୍ରସନ୍ନତା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଆମ ରାଜ୍ୟରେ ମଧ୍ୟ ବର୍ତମାନ ସୁଦ୍ଧା ୩ କୋଟି ୪୮ ଲକ୍ଷ ଟିକାକରଣ ହେଇଛି।

## ନଭେମ୍ବର ୨୨ରୁ ନବମ ଶ୍ରେଣୀ ସମ୍ମେଟିଭ୍ ଆସେସମେଂଟ ପରୀକ୍ଷା



ଭୁବନେଶ୍ୱର, ୨୧।୧୦(ପି.ଏନ): ଆସନ୍ତା ନଭେମ୍ବର ୨୨ ତାରିଖରୁ ନବମ ଶ୍ରେଣୀ ସମ୍ମେଟିଭ୍ ଆସେସମେଂଟ ପରୀକ୍ଷା ଆରମ୍ଭ ହେବ। ୨୪ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଦୁଇଟି ସିଟିଂରେ ପରୀକ୍ଷା ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୋର୍ଡର ଅଧକ୍ଷ ରାମାଶିଷ ହାଜରା ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।ସେ କହିଛନ୍ତି ୨୨ ତାରିଖରେ ପ୍ରଥମ ସିଟିଂରେ ଦ୍ୱିତୀୟ ଭାଷା, ଦ୍ୱିତୀୟ ସିଟିଂରେ ସମାଜିକ ବିଜ୍ଞାନ ପରୀକ୍ଷା ହେବ। ସେହିପରି ୨୩ ତାରିଖରେ ପ୍ରଥମ ସିଟିଂରେ ପ୍ରଥମ ଭାଷା ଓ ଦ୍ୱିତୀୟ ସିଟିଂରେ ଗଣିତ ପରୀକ୍ଷା ହେବ। ୨୪ ତାରିଖରେ ପ୍ରଥମ ସିଟିଂରେ ତୃତୀୟ ଭାଷା ଓ ଦ୍ୱିତୀୟ ସିଟିଂରେ ସାଧାରଣ ବିଜ୍ଞାନ ପରୀକ୍ଷା କରାଯିବ। ମୋଟ୍ ୪୦ ନମ୍ବର ମାର୍କର ପରୀକ୍ଷା ହେବ। ୨୦ ମାର୍କର ସବ୍ଜେଟିଭ୍ ଓ ୨୦ ମାର୍କର ଅବ୍‌ଜେଟିଭ ପରୀକ୍ଷା କରାଯିବ। ଛାତ୍ରଛାତ୍ରୀମାନେ ନିଜ ସ୍କୁଲରେ ପରୀକ୍ଷା ଦେବେ। ଅନ୍ୟ ସ୍କୁଲରେ ଖାତା ଦେଖା ହେବ। ୨୩ ତାରିଖରୁ ଆରମ୍ଭ ହେବ ଖାତା ଦେଖା। ୩୦ ତାରିଖ ଖାତାଦେଖା ଶେଷ ହେବ।ତେବେ ଦଶମ ଶ୍ରେଣୀ ସମ୍ମେଟିଭ୍ ପରୀକ୍ଷା ପାଇଁ ଖୁବ ଶୀଘ୍ର ତାରିଖ ଘୋଷଣା ହେବ। ନଭେମ୍ବର ଶେଷ ଓ ଡିସେମ୍ବର ଆରମ୍ଭରୁ ଏହି ପରୀକ୍ଷା ହେବ ବୋଲି ବୋର୍ଡ଼ ଅଧ୍ୟକ୍ଷ ରାମାସିସ୍ ହାଜରା କହିଛନ୍ତି।

## ବିଶ୍ୱର ବଡ ଆହ୍ୱାନର ସମାଧାନ ପାଇଁ ଭାରତ ପୂର୍ବାପେକ୍ଷା ଅଧିକ ପ୍ରସ୍ତୁତ : ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୧୦(ପି.ଏନ): ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦(ଏନଇପି)ର ପ୍ରଣୟନ ସହିତ ଭାରତ ବିଶ୍ୱର ବଡ ଆହ୍ୱାନର ସମାଧାନ ପାଇଁ ପୂର୍ବାପେକ୍ଷା ଅଧିକ ପ୍ରସ୍ତୁତ ରହିଛି ବୋଲି ଗୁରୁବାର ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ଏସ୍ ୪-ବାର୍ଷିକ ଏସଡ଼ିଜି (ସଷ୍ଟେନେବଲ ଡେଭଲପ୍‌ମେଂଟ୍ ଗୋଲ) କନକ୍ଲେଭରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅନ୍ତର୍ଜାତୀୟ ବ୍ୟବସାୟ ସମାଧାନ କମ୍ପାନୀ ସାନମ ଦ୍ୱାରା ଆୟୋଜିତ ଏହି କନକ୍ଲେଭରେ ଶ୍ରୀ ପ୍ରଧାନ ଭାରତର ଶିକ୍ଷା ଦୃଶ୍ୟପଟରେ ଅଣାଯାଇଥିବା ପରିବର୍ତନ ଉପରେ ଅଭିଭାଷଣ ପ୍ରଦାନ କରିଛନ୍ତି। ସେହିପରି ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ଭାରତର ଶିକ୍ଷା ନୀତିର ଶ୍ରେଣୀବଦ୍ଧତା ଏବଂ ବିଶ୍ୱ ଦୃଷ୍ଟିକୋଣ ଏବଂ ସମ୍ବେଦନଶୀଳତାର ସହିତ ଭାରତର ଯୁବକମାନଙ୍କ ପୋଷଣ କରିବା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦(ଏନଇପି)ର ପ୍ରଣୟନ ସହିତ ଭାଗିଦାରୀରେ ପ୍ରାଥମିକତା ଉପରେ କାର୍ଯ୍ୟ କରିବା ଏବଂ ବିଶ୍ୱର କିଛି ବଡ ଆହ୍ୱାନର ସମାଧାନ ପାଇଁ ଭାରତ ସମଗ୍ର ବିଶ୍ୱର ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ, ଏକାଡେମୀ ଏବଂ ଶିଳ୍ପ ସହିତ ନେଟୱାର୍କ ନିର୍ମାଣ ପାଇଁ ପୂର୍ବ ଅପେକ୍ଷା ଅଧିକ ପ୍ରସ୍ତୁତ ଅଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଭାରତରେ ଶିକ୍ଷା, ବିଶେଷ ଭାବରେ ଯୁବକ ମାନଙ୍କୁ ଶିକ୍ଷାଦାନ ଏବଂ ଦକ୍ଷତା କ୍ଷେତ୍ରରେ ସହଭାଗିତାରେ କାମ କରିବା ଉପରେ ମତବ୍ୟକ୍ତ କରିଥିଲେ। ଏସଡ଼ିଜି ଲକ୍ଷ୍ୟକୁ ହାସଲ କରିବା ପାଇଁ ଶିଳ୍ପ ସଂସ୍ଥା, ପଲିସି ମେକର, ଏକାଡ଼େମୀ ଏବଂ ସମାଜ ମିଳିତ ଭାବେ କାମ କରିବା ପାଇଁ ଆଗେଇ ଆସିବା ଦରକାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସୂଚନଯୋଗ୍ୟ, ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଅନ୍ୟ ଏକ ପୃଥକ ଆଲୋଚନାରେ ଶ୍ରୀ ପ୍ରଧାନ ସାମୁଦ୍ରିକ ପରିସଂସ୍ଥାନର ସୁରକ୍ଷା ଉପରେ ଭାରତରେ ଅବସ୍ଥାପିତ ନରୱେର ରାଷ୍ଟ୍ରଦୂତ ହାନ୍ସ ଜ୍ୟାକବ ଫ୍ରାଇଡେନଲୁଣ୍ଡଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ୍ କରିଛନ୍ତି। ଏହି ବ୍ୟକ୍ତିବିଶେଷମାନେ ହେଲେ ଗ୍ରୀନ ବେଲ୍ଟ ଏବଂ ରୋଡ଼ ଇନଷ୍ଟିଚ୍ୟୁଟର ସଭାପତି ଇରିକ୍ ସୋଲହେମ୍, ପାରଲି ଫର୍ ଦ ଓସେନ୍ସର ପ୍ରତିଷ୍ଠାତା ସିରିଲ ଗସଚ୍ , ଗ୍ଲୋବାଲ ଆଲାଏନ୍ସ ଫର ସଷ୍ଟେନେବଲ ପ୍ଲାନେଟର ମହାସଚିବ ସତ୍ୟ ଏସ. ତ୍ରିପାଠୀ।ସାମୁଦ୍ରିକ ପରିସଂସ୍ଥାନର ସୁରକ୍ଷା ଉପରେ ସେଚତନତା ସୃଷ୍ଟି କରିବା ସହ ନିମ୍ନ ସ୍ତରରେ ଥିବା ଲୋକଙ୍କୁ ସଶକ୍ତ କରିବା ସହ ସେମାନଙ୍କର ଉନ୍ନତ ଜୀବନଜୀବିକା ପାଇଁ ସ୍ୱତନ୍ତ୍ର ସାମାଜିକ- ଆର୍ଥିକ ବ୍ୟବସ୍ଥା କରିବା ଏବଂ ପ୍ଲାଷ୍ଟିକ ବର୍ଜ୍ୟ ଆଧାରିତ ଉଦ୍ୟୋଗୀକ ମଡ଼େଲ ଉପରେ ଫଳପ୍ରଦ ଆଲୋଚନା ହୋଇଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।


# APPOINTMENT

Paryabekhyak and The Kalinga Chronicle Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ

ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ନିଶାଦ୍ରବ୍ୟର ବହୁଳ ବ୍ୟବହାର ଓ ଅବୈଧ କାରବାର

ଭୁବନେଶ୍ୱର (ପିଏନ୍): ସାମ୍ପ୍ରତିକ ସମାଜ ବିଭିନ୍ନ ସମସ୍ୟାରେ ପରିପୂର୍ଣ୍ଣ ଅଟେ । ଗୋଟିଏ ସମସ୍ୟାର ଅନ୍ତ ନ ହେଉଣୁ ଆଉ ଏକ ସମସ୍ୟା ମୁଣ୍ଡ ଟେକେ । ଏହି ସମସ୍ୟାଗୁଡିକ ମଧ୍ୟରେ ପ୍ରମୁଖ ସମସ୍ୟାଗୁଡିକ ହେଉଛି-ଦାରିଦ୍ର୍ୟ, ଅଶିକ୍ଷା, ବେରୋଜଗାରୀ, ଜାତିଗତ ହିଂସା ଓ ସ୍ୱାସ୍ଥ୍ୟସେବା ଇତ୍ୟାଦି । କିନ୍ତୁ ବର୍ତ୍ତମାନ ଅବସ୍ଥାରେ ଆଉ ଏକ ଉତ୍କଟ ସମସ୍ୟା ଦେଖା ଦେଇଛି, ତାହା ହେଉଛି- ମଦ୍ୟପାନ ଏବଂ ଅନ୍ୟ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଓ ଅବୈଧ କାରବାର । ଜଣେ ନିଶା ସେବନକାରୀ ତା' ନିଜର ଯେ କେବଳ କ୍ଷତି ସାଧନ କରିଥାଏ, ତାହା ନୁହେଁ , ତା' ଉପରେ ନିର୍ଭର କରୁଥିବା ସମ୍ପୂର୍ଣ୍ଣ ପରିବାର ଏବଂ ପରିଶେଷରେ ବୃହତ ସମାଜର କ୍ଷତି ସାଧନ କରିଥାଏ । ତେଣୁ ସମାଜର ଅଧୋପତନ ପାଇଁ ଏହି ସମସ୍ୟାଟି ଏକ ପ୍ରମୁଖ କାରଣ। ଏହି ନିଶାଦ୍ରବ୍ୟର ବ୍ୟବହାର ଏବଂ ଅବୈଧ କାରବାର କେବଳ ଗୋଟିଏ ରାଷ୍ଟ୍ରରେ ସିମିତ ନୁହେଁ ବରଂ ଏହା ବିଶ୍ୱର ସମସ୍ତ ରାଷ୍ଟ୍ରକୁ କରାଗ୍ରସ୍ତ କରିସାରିଛି । ମନୁଷ୍ୟ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରିରୀକ କାରଣରୁ ନିଶାପାନକରି ନିଶାଗ୍ରସ୍ତ ହୋଇଥାଏ । ତା'ର ଦୈନନ୍ଦିନ ଜୀବନରେ ବିଡି, ପାନ, ସିଗାରେଟ୍ , ତମାଖୁ, ଭାଙ୍ଗ, ଗଞ୍ଜେଇ, ଅଫିମ, ମଦ, ହେରୋଇନ୍, ବ୍ରାଉନ୍‌ସୁଗାର ଓ ମର୍ଫିନ୍ ଆଦି ଉକ୍ତ ମାଦକଦ୍ରବ୍ୟ ସେବନ କରିଥାଏ । ଏହିସବୁ ମାଦକଦ୍ରବ୍ୟର ସେବନ ଧିରେ ଧିରେ ଅଭ୍ୟାସରେ ପରିଣତ ହୋଇଥାଏ । ଏଠାରେ ଏକ ମହତ୍ୱପୂର୍ଣ୍ଣ କଥା ହେଉଛି , ଲୋକମାନେ ଏ ସବୁ ମାଦକଦ୍ରବ୍ୟ କାହିଁକି ସେବନ କରିଥା'ନ୍ତି ? ଏହାର କାରଣ ବିଭିନ୍ନ ପ୍ରକାର ହୋଇପାରେ, ପିଲାଦିନେ ସାଙ୍ଗମାନଙ୍କ ପ୍ରେରଣା କିମ୍ବା କୁସଙ୍ଗ, ଶାରିରୀକ କଷ୍ଟ ଲାଘବ ଇତ୍ୟାଦି । ଏହାଛଡା ମାନସିକ କାରଣଗୁଡିକ ମଧ୍ୟରେ ପ୍ରମୁଖ ହେଉଛି-ମନର ଅସ୍ଥିରତା, ଦୁଃଖ, ଅସୁରକ୍ଷା ଭାବନା, ହୀନମନ୍ୟତା, ଆତ୍ମକୈନ୍ଦ୍ରିକତା, ପଳାୟନପନ୍ଥିତା ଓ ଜୀବନର ଅସଫଳତା । ଏତଦ୍‌ବ୍ୟତିତ ଆଉ ଗୋଟିଏ କାରଣ ହେଉଛି- ନିଜର ଆଭିଜାତ୍ୟ ପ୍ରଦର୍ଶନ କରିବା । ନିଶା କହିଲେ, ଲୋକମାନେ ସାଧାରଣତଃ ମଦ, ଗଞ୍ଜେଇ, ଅଫିମ, ଭାଙ୍ଗ, ବିଡି, ସିଗାରେଟ୍ ଇତ୍ୟାଦିକୁ ବୁଝିଥାନ୍ତି । କିନ୍ତୁ ନିଶାଦ୍ରବ୍ୟର ପ୍ରକାର ଭେଦ ଓ ତା'ର ବ୍ୟବହାରରେ କେତେକ ବିବର୍ତ୍ତନ ଘଟିଛି, ତାହା ଲୋକମାନଙ୍କ ପାଖରେ ଦୁର୍ବୋଧ । ଯେପରିକି ଉପରୋକ୍ତ ନିଶାଦ୍ରବ୍ୟ ବ୍ୟବହାର ବ୍ୟତିରେକ ଅନେକ ପ୍ରକାର ଜୀବନ ସୁରକ୍ଷାକାରୀ ଔଷଧ ଓ ନିଶା ଔଷଧ ପାନକରି ବ୍ୟକ୍ତି ନିଶାସକ୍ତ ହୋଇଥାଏ ଅର୍ଥାତ୍ କୌଣସି କାରଣରୁ ବ୍ୟକ୍ତି ରୋଗଗ୍ରସ୍ତ ହେଲେ ଆରୋଗ୍ୟ ହେବାପାଇଁ ଚିକିତ୍ସା ସମୟରେ ଯେଉଁ ଔଷଧ ପାନ କରିଥାଏ, ସେଥିରେ ସେ ଏତେ ଅଭ୍ୟସ୍ତ ହୋଇଯାଇଥାଏ ଯେ, ରୋଗ ଭଲ ହୋଇଗଲେ ମଧ୍ୟ ସେ ତାହା ପାନ କରିବା ଛାଡିପାରେନାହିଁ ଏବଂ ଏ ଅବସ୍ଥାରେ ଆମେ ତାକୁ ନିଶାସକ୍ତ ବୋଲି କହିଥାଉ । ବର୍ତ୍ତମାନ ପ୍ରସଙ୍ଗ ହେଉଛି, ଏହି ବିଶ୍ୱବ୍ୟାପ୍ତ ଉତ୍କଟ ସମସ୍ୟାରୁ କିପରି ମନୁଷ୍ୟ ସମାଜକୁ ରକ୍ଷା କରାଯାଇପାରିବ । ଏଥିପାଇଁ ଆନ୍ତଃରାଷ୍ଟ୍ରୀୟ ସ୍ତରରେ ନିଶାଦ୍ରବ୍ୟର ଚାହିଦା ଓ ଅବୈଧ କାରବାର ରୋକିବା ନିମନ୍ତେ ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ଆନ୍ତଃରାଷ୍ଟ୍ରୀୟ ମାଦକଦ୍ରବ୍ୟ ନିୟନ୍ତ୍ରଣ କାର୍ଯ୍ୟକ୍ରମ ୧୯୯୧ ମସିହାରେ ଆରମ୍ଭ କରାଗଲା । ଏତଦ୍ ବ୍ୟତିତ (i) Convention of Narcotic Drugs 1961 (ii) Convention on Psychiatric Substances 1971(iii) Convention Against Illicit Trafficking in Narcotic Drugs and Psychiatric Substances, 1988- ଏହିପରି ତିନୋଟି କନ୍‌ଭେନ୍‌ସନ୍ ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ଭାରତ ମଧ୍ୟ ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର ଅଟେ । ଏହି ପରିପ୍ରେକ୍ଷୀରେ ଆମ ରାଷ୍ଟ୍ର ମଧ୍ୟ ସମ୍ବିଧାନର ଅନୁଚ୍ଛେଦ ୪୭ ଅନୁଯାୟୀ ଅନେକଗୁଡିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ନିଶାଦ୍ରବ୍ୟର ଅପବ୍ୟବହାର ରୋକିବା ପାଇଁ Narcotic Drugs and psychiatric substance Act 1985 ପ୍ରଣିତ ହୋଇଛି । ଏତଦ୍‌ବ୍ୟତୀତ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରୀତା ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ବିଭାଗ ରହିଅଛି, ଯାହାକି, ନିଶାଦ୍ରବ୍ୟର ଅପବ୍ୟବହାର, ଚାହିଦା ଓ ତତ୍ ସମ୍ବନ୍ଧୀୟ କ୍ଷତିକୁ ରୋକିବା ପାଇଁ କେତେଗୁଡିଏ କାର୍ଯ୍ୟକ୍ରମ ଜାରୀ କରିଛି । ସେଗୁଡିକ ହେଉଛି-ନିଶା (ଔଷଧ ଅପବ୍ୟବହାର)ର ସଚେତନତା ଏବଂ ପରାମର୍ଶ କେନ୍ଦ୍ର, ନିଶାସକ୍ତ ବ୍ୟକ୍ତିଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର, କର୍ମକ୍ଷେତ୍ରରେ ନିଶା ରୋକିବାର କାର୍ଯ୍ୟକ୍ରମ, ସଚେତନତା ଓ ନିଶାମୁକ୍ତ ଶିବିର, ଆଂଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର, ଔଷଧ ଅପବ୍ୟବହାର ରୋକିବା ପାଇଁ ବେସରକାରୀ ଅନୁଷ୍ଠାନ ମଂଚ, ସମୁଦାୟ ଭିତିକ ଥଇଥାନକୁ କ୍ଷମତାସଂପନ୍ନ କରିବା ପାଇଁ ଅଭିନବ ପ୍ରଚେଷ୍ଟା ବା ହସ୍ତକ୍ଷେପ କରିବା, ଯାନ୍ତ୍ରିକ ପରିବର୍ତ୍ତନ ଏବଂ ମାନବ ସମ୍ବଳ ବିକାଶ କାର୍ଯ୍ୟକ୍ରମ କରିବା,ଏହି ଯୋଜନା ଅନ୍ତର୍ଗତ ବିଷୟରେ ସର୍ବେକ୍ଷଣ, ଅନୁଧ୍ୟାନ ଓ ଅନୁସନ୍ଧାନ କରିବା ଇତ୍ୟାଦି । ଏହାସହିତ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀଠାରେ National Centre for Drug Abuse Prevention(NCDAP) ପ୍ରତିଷ୍ଠା କରାଯାଇଛି । ଯାହାର ମୁଖ୍ୟକାର୍ଯ୍ୟ ହେଉଛି ତାଲିମ୍ ପ୍ରଦାନ କରିବା, ଅନୁସନ୍ଧାନ କରିବା ଓ ସୁରାସକ୍ତ ଓ ନିଶାର ଚାହିଦା କମାଇବା (ହ୍ରାସ କରିବା) କ୍ଷେତ୍ରରେ ବିଭିନ୍ନ ତଥ୍ୟାବଳୀ ସଂଗ୍ରହ କରିବା ଇତ୍ୟାଦି । ବର୍ତ୍ତମାନ ମନ୍ତ୍ରଣାଳୟ ସହାୟତାରେ ସାରା ଭାରତବର୍ଷରେ ପ୍ରାୟ ୪୦୦ଟି ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର ଓ ୧୨ଟି ଆଂଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକରୁଅଛି । ଏହି ସାଧନ କେନ୍ଦ୍ରମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ନିଶା ସେବନକାରୀଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ରର କାର୍ଯ୍ୟରତ କର୍ମୀମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦେଇ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରାଇବା, ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ କରିବା ଓ ନିଶାସକ୍ତ ବିଷୟରେ ସର୍ବେକ୍ଷଣ, ଅନୁଧ୍ୟାନ ଓ ଅନୁସନ୍ଧାନ କରିବା ଇତ୍ୟାଦି । ଏଠାରେ ପ୍ରକାଶଯୋଗ୍ୟ ଯେ, ଓଡିଶାର ବିଭିନ୍ନ ଜିଲ୍ଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ୩୪ଟି ନିଶା ସେବନକାରୀଙ୍କ ପାଇଁ ସମନ୍ୱିତ ପୁନର୍ବାସ କେନ୍ଦ୍ର କାର୍ଯ୍ୟ କରୁଅଛି । ଏତଦ୍‌ବ୍ୟତୀତ ଓଡିଶାର କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟମାନଙ୍କରେ ନିଶା ନିବାରଣର ସ୍ୱତନ୍ତ୍ର ବିଭାଗ କାର୍ଯ୍ୟ କରୁଅଛି ଏବଂ ପରବର୍ତ୍ତୀ ସମୟରେ ସବୁ ଜିଲ୍ଲା ସଦର ମହକୁମାରେ ନିଶା ଓ ଔଷଧ ଅପବ୍ୟବହାରର ଚିକିତ୍ସା ପାଇଁ ଯୋଜନା କରାଯାଉଅଛି । ସମଗ୍ର ଦେଶରେ ନିଶା ସେବନକାରୀଙ୍କ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ଅଦ୍ୟାବଧି ଦେଶ ସମ୍ମୁଖରେ ନାହିଁ । ତେଣୁ ବର୍ତ୍ତମାନ ସରକାର ନିଶାର ଚାହିଦା ଓ ନିଶାର ପ୍ରକାରଭେଦ ସହିତ ନିଶା ସେବନକାରୀଙ୍କ ସଂଖ୍ୟା ଆକଳନ କରିବା ପାଇଁ ଏକ ଜାତୀୟ ସ୍ତରରେ ସର୍ବେକ୍ଷଣ କରିବାକୁ ଯାଉଛନ୍ତି । ଏବଂ ଏହି ସର୍ବେକ୍ଷଣ ଆଧାରରେ ନିଶାର ଚାହିଦା ହ୍ରାସ ନିମନ୍ତେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ସ୍ଥିର କରିଛନ୍ତି । ଏହା ଭଲ ଭାବରେ ଜଣାଶୁଣା ଯେ, ଔଷଧ ବା ନିଶା ନିର୍ଭରଶୀଳତା ଏକ ସାମାଜିକ ଓ ଚିକିତ୍ସାଗତ ସମସ୍ୟା, ଯାହାକି ସମାଜର ସମସ୍ତ ସ୍ତରକୁ ପ୍ରଭାବିତ କରିଥାଏ । ପୃଥିବୀରେ ଦିନକୁ ଦିନ ନିଶା ଓ ଔଷଧର ଅପବ୍ୟବହାର ବଢି ବଢି ଚାଲିଛି । ନିଶା ନିବାରଣ ପାଇଁ ଏକ ପ୍ରମୁଖ ଉପାୟ ହେଉଛି ଜନସଚେତନତା ସୃଷ୍ଟି କରିବା । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ଏବଂ ଏହା ଅତ୍ୟାବଶ୍ୟକ ଅଟେ । ଏହି ଜନସଚେତନତା ଗତିଶୀଳତାର ମୁଖ୍ୟ ବାହକ ହେଉଛନ୍ତି ଦେଶର ଯୁବପିଢୀ । ପରିଶେଷରେ ଏହି ନିଶାଦ୍ରବ୍ୟର ଅପବ୍ୟବହାର ପରି ଏକ ଜଟିଳ ସମସ୍ୟାର ଅନ୍ତ ଘଟାଇବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କର ସହାୟତା ସହିତ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ରହିଅଛି ।

# ବିଷାକ୍ତ ଖାଦ୍ୟସାମଗ୍ରୀର ବିପଣନ

ଭୁବନେଶ୍ୱର (ପିଏନ୍): ମନୁଷ୍ୟର ସ୍ୱାସ୍ଥ୍ୟଗତ ମୁଖ୍ୟ ଅବଲମ୍ବନ କୁହାଯାଉଥିବା ପନିପରିବାରେ ବିଷ ଭରି ଗଲାଣି । ଆଖିକୁ ସବୁଜ ଦେଖାଯାଉଥିବା କଞ୍ଚା ପରିବାରେ ଦିନକୁ ଦିନ ବିଷର ମାତ୍ରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି । କେବଳ ଚକ୍‌ଚକିଆ ବା ଦାମୀ ଫଳ ନୁହେଁ, କଦଳୀ ମଧ୍ୟ ବାଦ୍ ପଡୁନି । ପରିବାକୁ ଅଧିକ ସବୁଜ ଓ ସତେଜ ଦେଖାଇବା ପାଇଁ ବିଭିନ୍ନ ସମୟରେ ରଙ୍ଗଠାରୁ ଆରମ୍ଭ କରି ପଚାଇବା ପାଇଁ ବିଭିନ୍ନ ଗ୍ୟାସ ବି ପ୍ରୟୋଗ କରାଯାଉଛି ଯାହାଦ୍ୱାରା ସାଧାରଣ ଲୋକମାନେ ଜାଣନ୍ତରେ ହେଉ ବା ଅଜାଣତରେ ସେମାନଙ୍କ ଶରୀରରେ ଜମା ହେଉଛି ବିଷ । କଦଳୀକୁ ତୁରନ୍ତ ପଚାଇବା ପାଇଁ ଏସିଟିଲିନ୍ ଗ୍ୟାସ ପ୍ରୟୋଗ କରାଯାଉଛି । ସେହିପରି ଚିକ୍‌ଚିକ୍ ଦେଖାଇବା ପାଇଁ ସେଓକୁ ପତଳାର ଏକ ୱାକ୍ସ ବା ମହମର ପ୍ରଲେପ ଦିଆଯାଉଛି । ଖାଉଟିଙ୍କ ଅଗୋଚରରେ ଖାଦ୍ୟରେ ବିଷ ପ୍ରୟୋଗ କରାଯାଉଥିବା ଘେନି ଜାତୀୟ ମାନବିକ ଅଧିକାର କମିଶନ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଏହି ମହାମାରୀର ପ୍ରତିକାର ପାଇଁ ସେମାନେ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସଂକ୍ରାନ୍ତରେ ନୋଟିସ୍ ଜାରି କରିବା ପରିପ୍ରେକ୍ଷୀରେ ରାଜ୍ୟ ପ୍ରଶାସନରେ ତତ୍ପରତା ପ୍ରକାଶ ପାଇଛି । ଦୁଧ ଠାରୁ ଆରମ୍ଭ କରି ପନିପରିବା, ଫଳମୂଳ, ଶାଗ, ମାଛ, ମାଂସ, ଛେନା, ଡାଲି, ତୈଳବୀଜ ଆଦି ବଜାରରେ ମିଳୁଥିବା ପ୍ରାୟ ସବୁ ଖାଦ୍ୟ ସାମଗ୍ରୀରେ ପ୍ରଚୁର ପରିମାଣର କୀଟନାଶକ ରହୁଛି । ଏମିତିକି ଅନେକ ଅଞ୍ଚଳରେ ପାନୀୟ ଜଳ ବି ବିଷାକ୍ତ । ପୂର୍ବରୁ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରନମେଣ୍ଟ ଏହି ଗୁରୁତର ପ୍ରସଙ୍ଗ ଘେନି ଜନସାଧାରଣଙ୍କୁ ସତର୍କ କରାଇବା ସଙ୍ଗେ ସଙ୍ଗେ ସରକାରଙ୍କୁ ବି ଅବହିତ କରିଥିଲା । ଗତ କିଛି ବର୍ଷ ମଧ୍ୟରେ ଏ ସବୁ ଖାଦ୍ୟ ପଦାର୍ଥରେ କୀଟନାଶକର ପରିମାଣ ଦ୍ୱିଗୁଣା ବଢ଼ିଛି ବୋଲି କେନ୍ଦ୍ର କୃଷି ମନ୍ତ୍ରଣାଳୟ ମଧ୍ୟ ସ୍ୱୀକାର କରିଆସୁଛି । ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ମାନକ ସଂସ୍ଥା ବିଭିନ୍ନ ସ୍ଥାନରୁ ନମୁନା ନେଇ କରିଥିବା ପରୀକ୍ଷାରେ ବି ଏହାର ପ୍ରମାଣ ମିଳିଛି । କେବଳ ସେତିକି ନୁହେଁ ଦୁଧ, ଛେନା, ଦହି ଆଦିରେ ବ୍ୟାପକ ଅପମିଶ୍ରଣ ଆମ ରାଜ୍ୟ ତଥା ଦେଶରେ ଏକ ମାମୁଲି ଘଟଣାରେ ପରିଣତ ହୋଇଗଲାଣି । ଲୁଗାଧୁଆ ପାଉଡରରେ ବିଭିନ୍ନ ରାସାୟନିକ ପଦାର୍ଥ ଏମିତିକି ମଲା ଜୀବଜନ୍ତୁ ସଂରକ୍ଷିତ ରଖିବା ଲାଗି ବ୍ୟବହୃତ ଫର୍ମାଲିନ୍ ସିନ୍ଥେଟିକ ଦୁଧ ପ୍ରସ୍ତୁତିରେ ବ୍ୟବହୃତ ହେଉଛି । ବଜାରରେ ପ୍ରଚୁର ପରିମାଣର ନକଲି ପନିର୍ ଉପଲବ୍ଧି । ଗାଈମାନଙ୍କ ଠାରୁ ଅଧିକ ଦୁଧ ସଂଗ୍ରହ ପାଇଁ ଦିଆଯାଉଥିବା ମାରାତ୍ମକ ଇଞ୍ଜେକ୍ସନ ଓ ରାସାୟନିକ ଦାନାର ପ୍ରଭାବ ବି ଦୁଧରେ ରହୁଛି । ଗ୍ରାହକମାନେ ଏହା ସେବନ କରିବା ଫଳରେ ବିଭିନ୍ନ ରୋଗବ୍ୟାଧିର ଶିକାର ହେଉଛନ୍ତି । କିଛି ବର୍ଷ ତଳେ ଏଫ୍‌ଏସ୍‌ଏସ୍‌ଆଇ ଓଡ଼ିଶାରେ କରିଥିବା ଅନୁଧ୍ୟାନରୁ ଏଭଳି ଅପମିଶ୍ରିତ ତଥା ବିପଦଜ୍ଜନକ ଦୁଧର ନମୁନା ପାଇଥିଲା । ଅଧିକ ଫସଲ ଫଳାଇବା ପାଇଁ ଆଖିବୁଜା ରାସାୟନିକ ସାର, କୀଟନାଶକ ଔଷଧ ଏବଂ ହରମୋନ ପ୍ରୟୋଗ ଏବେ ସାଧାରଣ ପ୍ରଥାରେ ପଡ଼ିଗଲାଣି । କେବଳ ସେତିକି ନୁହେଁ ଶୁଖିଲା ପନିପରିବା ଓ ଫଳ ଦୀର୍ଘଦିନ ଧରି ସତେଜ ରଖିବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ବେପାରୀମାନେ ବି ବିଭିନ୍ନ କିସମର ବିପଦଜ୍ଜନକ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି । ଏମିତିକି ଅଣ୍ଡା, ମାଂସ, ମାଛ ଆଦି ବି ଏହି ବିଷ ଚକ୍ରରୁ ମୁକ୍ତ ନୁହେଁ । ବଜାରରେ ମିଳୁଥିବା ଡାଲି ସମେତ ଅନ୍ୟାନ୍ୟ ଶସ୍ୟ ସଂରକ୍ଷଣ ପାଇଁ ବି ବିଭିନ୍ନ କିସମର ରାସାୟନିକ ପାଉଡର ବ୍ୟବହାର କରାଯାଉଛି । ଏମିତିକି ଆଉ କେତେକ ପ୍ୟାକେଟ୍ ଓ ଡବାରେ ଆସୁଥିବା ଖାଦ୍ୟ ସାମଗ୍ରୀରେ ମଧ୍ୟ ବ୍ୟାପକ ପରିମାଣର ରାସାୟନିକ ପଦାର୍ଥ ରହୁଛି । ଚିକିତ୍ସା ବିଜ୍ଞାନର ତଥ୍ୟ ଅନୁଯାୟୀ ଗବେଷକମାନେ କହୁଛନ୍ତି ଯେ ଅତ୍ୟଧିକ ରାସାୟନିକ ସାର, ହରମୋନ, କୀଟନାଶକ ଆଦିର କୁପ୍ରଭାବରେ ଲୋକେ କ୍ୟାନସର, କିଡ୍‌ନୀ, ହୃଦ୍‌ରୋଗ ଓ ଛାତି ରୋଗ, ସ୍ନାୟୁଗତ ରୋଗ, ଯକୃତ ରୋଗ ଆଦି ବିଭିନ୍ନ ବ୍ୟାଧିର ଶିକାର ହେଉଛନ୍ତି । ଏହି ତଥାକଥିତ ସବୁଜ ବିଷ ମଣିଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲିଭର, ପେଟ ଓ କିଡ୍‌ନୀକୁ ଗୁରୁତର ଭାବେ ପ୍ରଭାବିତ କରେ । ପ୍ରାଥମିକ ସମୟରେ ହେପାଟୋଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନ ନେଲେ ଏହା ଲିଭର ସିରୋସିସ୍ ଏପରିକି ଯକୃତ କ୍ୟାନସରର କାରଣ ପାଲଟିଥାଏ । ଲିଭରକୁ ସଂଯୁକ୍ତ ହୋଇଥିବା ଦେହର ଆଭ୍ୟନ୍ତରୀଣ ସ୍ନାୟୁ ଏ କ୍ଷେତ୍ରରେ ଗୁରୁତର ଭାବେ ପ୍ରଭାବିତ ହେବାର ସମ୍ଭାବନା ବି ଦେଖାଯାଇଥାଏ । ବିକୃତ ସନ୍ତାନ ଜନ୍ମ ଏବଂ ସନ୍ତାନ ଉତ୍ପାଦିକା ଶକ୍ତି ହ୍ରାସର ଏହା ମଧ୍ୟ ଅନ୍ୟତମ କାରଣ । ରାଜ୍ୟରେ ବାର୍ଷିକ ପ୍ରାୟ ୩୦ ହଜାର ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଏମାନଙ୍କ ଭିତରୁ ଅନ୍ୟୁନ ୬୭ ପ୍ରତିଶତଙ୍କ ମୃତ୍ୟୁର କାରଣ ମଦ, ତମାଖୁ ଓ ଅନ୍ୟାନ୍ୟ ନିଶା, କୀଟନାଶକ ଓ ରାସାୟନିକ ସାର ତଥା ପ୍ରଦୂଷଣ । ଏଥିଯୋଗୁଁ ବ୍ୟାପକ ଧନଜୀବନ କ୍ଷତି ଘଟୁଥିବା ବେଳେ ରୋକିବା ପାଇଁ ପର୍ଯ୍ୟାପ୍ତ ସଚେତନତା ନାହିଁ । ଏମିତିକି ଖାଉଟିଟିଏ ଚାହିଁଲେ ସେ କିଣୁଥିବା ସାମଗ୍ରୀ ବିଷମୁକ୍ତ କି ବିଷଯୁକ୍ତ ତାହା ତୁରନ୍ତ ପରୀକ୍ଷା ଲାଗି ବି କେହି ନାହାନ୍ତି । ଗୋଟିଏ ପଟେ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ଓଡ଼ିଶା ପାଇଁ ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ବିଶ୍ୱର ତାପମାତ୍ରା ବୃଦ୍ଧି ପରିପ୍ରେକ୍ଷୀରେ ବିଷାକ୍ତ ଖାଦ୍ୟ ସାମଗ୍ରୀର ଲଗାମଛଡ଼ା ବିପଣନ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ତଥା ସେମାନଙ୍କୁ ଦିଆଯାଇଥିବା ସମ୍ବିଧାନ ପ୍ରଦତ୍ତ ବଞ୍ଚିବାର ଅଧିକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ବାଣିବିହାର ଛକଠାରେ ପ୍ରଦେଶ ଛାତ୍ର କଂଗ୍ରେସର ବିକ୍ଷୋଭ ଓ ରାସ୍ତାରୋକ

ଭୁବନେଶ୍ୱର (ପିଏନ୍)- ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବାଣିବିହାର ଛକଠାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବିରେ ବାଣିବିହାର ଗ୍ଲାସ କ୍ୟାଂଟିନ ଛାତ୍ର ସଂସଦ କାର୍ଯ୍ୟାଳୟ ଠାରୁ ଛାତ୍ର କଂଗ୍ରେସ ଓ ବାଣିବିହାର ବିଶ୍ୱବିଦ୍ୟାଳୟ ଛାତ୍ରମାନେ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ବାଣିବିହାର ଛକ ପର୍ଯ୍ୟନ୍ତ ଆସି ମୁଖ୍ୟ ରାଜରାସ୍ତାକୁ ଦୁଇଘଂଟା ଧରି ଅବରୋଧ କରିଥିଲେ । ସେଠାରେ ଟାୟାର ଜାଳି ପ୍ରତିବାଦ କରାଯାଇଥିଲା । ୟାସିର ନୱାଜ ଓ ଅନ୍ୟ ଛାତ୍ରନେତାମାନଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରି ଅଟକ ରଖିଥିଲା ଏବଂ ପରେ ଛାଡ଼ିଦେଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନବାବୁ ଗୃହ ଓ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଅପରାଧକୁ ଘଂଟ ଘୋଡାଉଛନ୍ତି । ନବୀନବାବୁଙ୍କ ମା'କୁ ସମ୍ମାନ ଆହ୍ୱାନ ପ୍ରତାରଣାରେ ପରିଣତ ହୋଇଛି । ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେରର ଅପହରଣ ଓ ହତ୍ୟା ଘଟଣା ମନ୍ତ୍ରୀ ଦିବ୍ୟଶଙ୍କରଙ୍କର ସିଧାସଳଖ ସଂପୃକ୍ତି ରହିଛି । ମନ୍ତ୍ରୀ ସ୍କୁଲରେ ରାତ୍ରୀଯାପନ କରନ୍ତି ବୋଲି ଅଭିଯୋଗ ହେଉଛି ! ଅପରାଧୀ ଗୋବିନ୍ଦ ସାହୁଙ୍କୁ ଥାନା କଷ୍ଟୋଡିରୁ ମନ୍ତ୍ରୀଙ୍କ ଚାପରେ ଖସାଇ ଦିଆଗଲା । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ବହିଷ୍କାର ଏବଂ ଗିରଫ କରାନଗଲେ ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହେବ । ବେବିନା, ଇତିଶ୍ରୀ, ମାଧବୀଲତା, କୁନ୍ଦୁଲି ଛାତ୍ରୀ ସୁସ୍ମିତା, ସ୍ମିତାରାଣୀ, ପରି ଏବଂ ଏବେ ମମିତାଙ୍କ ପାଳି ପଡ଼ିଛି । ନବୀନ ଶାସନରେ ନାରୀ ଅସୁରକ୍ଷିତ । ମନ୍ତ୍ରୀ ଦିବ୍ୟଶଙ୍କରଙ୍କର ବହିଷ୍କାର ଏବଂ ଗିରଫ କରାନଗଲେ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ନୱାଜ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରକାଶ ମିଶ୍ର, ଅରମାନ ଜେନା, ନିହାର ବେହେରା, ରଂଜିତ ପାତ୍ର, ଅଖିଳେଶ ଯାଦବ, ସଂକୁନା କହଁର, ରଂଜିତ ସେନାପତି, ବାବୁ ଜେନା, ସାଗର ପଟ୍ଟନାୟକ, ମହମ୍ମଦ ଗୁଲଫାମ, କାତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ଅବିନାଶ ନନ୍ଦ, ଭାଗ୍ୟଶ୍ରୀ ମହାନ୍ତି, ନିତେଶ ବେହେରା, ସାହାରୁଖ ଖାନ, ସନ୍ଦିପ ରାଉତରାୟ, ପ୍ରତ୍ୟୁଷ ପ୍ରଧାନ, ପ୍ରତ୍ୟୁଷ କହଁର, ସାମୁଉଲ ହକ, ସୂର୍ଯ୍ୟକାନ୍ତ ସାହୁ, ସଂଜିବ ରାଉତ, ଅହମ୍ମଦ ଖାନ, ରିଆଜ ଉଦ୍ଦିନ, ଆରିୟାସ ସାସମଲ, ରିଆଜୁଲ ଇସ୍‌ଲାମ, ରାକେଶ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସରକାରୀ ଅବହେଳା ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ ହେବ

ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା କଂଗ୍ରେସର ଅନୁସୂଚିତ ଜାତି ବିଭାଗ ତରଫରୁ ଆଗାମୀ ଦିନରେ ସରକାରୀ ଅବହେଳା ଓ ଦଳିତ ଲୋକମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ନବନିଯୁକ୍ତ କର୍ମକର୍ତ୍ତାଙ୍କ ବୈଠକରେ ଘୋଷଣା କରାଯାଇଛି । ଗତ ୧୬ ତାରିଖରେ ଅନୁସୂଚିତ ଜାତି କଂଗ୍ରେସ ତରଫରୁ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ବୈଠକରେ ନବନିଯୁକ୍ତ ଜିଲ୍ଲା କମିଟିର କର୍ମକର୍ତ୍ତା ଓ ବ୍ଲକ୍ ଅଧକ୍ଷମାନଙ୍କୁ ସ୍ୱାଗତ କରାଯାଇଥିଲା । ଅନୁସୂଚିତ ଜାତି କଂଗ୍ରେସ ଅଧକ୍ଷ ବିନୋଦ ତନ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ଯୋଗ ଦେଇ ଅନୁସୂଚିତ ଜାତି କଂଗ୍ରେସକୁ ସଙ୍ଗଠିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ରାଉରକେଲା ସହରାଞ୍ଚଳର ବିଭିନ୍ନ ବସ୍ତି ଅଞ୍ଚଳରେ ବସବାସ କରୁଥିବା ଦଳିତ ଭାଇ-ଭଉଣୀମାନେ ବିଶେଷ ଭାବରେ ଅବହେଳିତ ଓ ନିର୍ଯ୍ୟାତିତ ହେଉଥିବାରୁ ସେମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ କମିଟିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଏକ ଅନୁସୂଚିତ ଜାତି ବର୍ଗର ବିଧାୟକଙ୍କ ପାଇଁ ସଂରକ୍ଷିତ ହୋଇ ରହିଥିବା ବେଳେ ବର୍ଷ ବର୍ଷ ଧରି ବିଜେଡିର ନିର୍ବାଚିତ ବିଧାୟକ ସହରରେ ଦେଖା ନ ଦେବା ବିଡମ୍ବନାର ବିଷୟ ବୋଲି କହିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, ବରିଷ୍ଠ ନେତା ସବୀର ହୁସେନ ଓ ଗଣେଶ ପ୍ରଧାନ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖି ନୂତନ କର୍ମକର୍ତ୍ତାମାନଙ୍କ ଅଭିନନ୍ଦନ ଜ୍ଞାପନ କରିବା ସହିତ ସେମାନଙ୍କ ନିଷ୍ଠାପର ଉଦ୍ୟମ ବଳରେ ରାଉରକେଲାରେ କଂଗ୍ରେସ ଆଗାମୀ ଦିନରେ ନୂଆ ଇତିହାସ ରଚିବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସର ଅନୁସୂଚିତ ଜାତି କଂଗ୍ରେସର ପୂର୍ଣ୍ଣାଙ୍ଗ ଦଳ ଘୋଷଣା କରାଯାଇଛି । ଏଥିରେ ୫ ଜଣ ଉପାଧକ୍ଷ ଯଥା ଦିବାକରଣ ଦୀପ, ମହେଶ୍ୱର ତନ୍ତୀ, ବିକାଶ ସୁନା, ତେରାଜ ସୁନା ଓ ରବି ସିକ୍କା, ୧୩ ଜଣ ସଂଯୋଜକ ହେଲେ ଶୁକଦେବ ବଡାଇକ, ଶରତ କୁମାର ବେହେରା, ପ୍ରେମିଲାଲ କୁମ୍ଭାର, ଲିଙ୍ଗରାଜ ସୁନା, ସାରଥୀ କାଲେତ୍, ଲକ୍ଷ୍ମଣ ମୁଣ୍ଡାରୀ, ହିତେନ ମୁଖୀ, ମଣ୍ଟୁ ବାଗ, ଶମ୍ଭୁ ସିନ୍ଧରିଆ, ନରେଶ ରାମ, ସୁନୀଲ ଘଡାଇ, ଶଙ୍କର ସୁନା, ଅମୀତ ହୋତା, ୧୦ ବ୍ଲକ୍‌ର ୧୦ ଜଣ ଅଧକ୍ଷଙ୍କ ମଧ୍ୟରେ ୧ ନମ୍ବର ବ୍ଲକ୍‌ର ଶ୍ୟାମ ସାଗର, ୨ ନମ୍ବର ବ୍ଲକ୍‌ର ବିପ୍ଳବ ମହାନନ୍ଦିଆ, ୩ ନମ୍ବର ବ୍ଲକ୍‌ର କାମଦେବ ରଜକ, ୪ ନମ୍ବର ବ୍ଲକ୍‌ର ଉମେଶ ବେହେରା, ୫ ନମ୍ବର ବ୍ଲକ୍‌ର ପଙ୍କଜ ଦାସ, ୬ ନମ୍ବର ବ୍ଲକ୍‌ର ଶମ୍ଭୁନାଥ ବିଭାର, ୭ ନମ୍ବର ବ୍ଲକ୍‌ର ସେବକ ଷଣ୍ଡ, ୮ ନମ୍ବର ବ୍ଲକ୍‌ର ଜମେଶ ସୁନା, ୯ ନମ୍ବର ବ୍ଲକ୍‌ର ରାଜୀବ ସୁନା ଓ ୧୦ ନମ୍ବର ବ୍ଲକ୍‌ର ଅଦେଶ ସୁନାଙ୍କୁ ମନୋନୀତ କରାଯାଇଥିବା ବେଳେ ଜଣେ ସ୍ୱେଚ୍ଛାସେବୀ ତଥା ଏସ୍‌ଏଚ୍‌ଜି ମୁଖ୍ୟ, ଦଳିତବର୍ଗ ମହିଳା ଶାଖା ସଂଯୋଜକ ଭାବେ ଆରତୀ ସାଗର, ଦଳିତ ବର୍ଗ ଯୁବଶାଖା ସଂଯୋଜକ ଭାବେ ବିବେକ ନାୟକ, ଦଳିତବର୍ଗ ଛାତ୍ର ଶାଖା ସଂଯୋଜକ ଭାବେ ଦୀପକ ସୁନା, ଦଳିତ ବର୍ଗ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ କୃଷ୍ଣ ଇନ୍ଦୁରସ, କାର୍ଯ୍ୟନିର୍ବାହୀରେ ଗଙ୍ଗା ବାଗ, ଅନୀଲ ନାୟକ, ରାଜାରାମ କୁମ୍ଭାର, ଶୋଭା ରଣବଂଶୀ, କୃଷ୍ଣ ନାୟକ, କଳ୍ପନା ସୁନା, ଶରତ ସୁନା, ସର୍ଂୋଷ ଲାଧୁଆ, ଲଳିତ କୁମ୍ଭାର, ଅଭିମନ୍ୟୁ ନାଗ, ବିବେକ ନାୟକ, ସୁନୀଲ ଘଡାଇ, ଜିତୁ ମାଛକଣ୍ଡା, ଧର୍ମା ନାୟକ, ବିକ୍ରମ ସିନ୍ଧରିଆ, ତରୁଣ କୁମାର ବାଗ, ପ୍ରତିମା ସିନ୍ଧରିଆ, ସୁସ୍ମିତା ବେହେରା, ମଜେଶ ନାଗ, ମନୋଜ ପରିପାଲ, ମୁକ୍ତା ବାଗଙ୍କୁ ମନୋନୀତ କରାଯାଇଛି । ଦଳିତ ବର୍ଗର ନୂତନ କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି ଶ୍ରୀ ତିର୍କୀ ଓ ସମ୍ମାନିତ ଅତିଥି ଶ୍ରୀ ସେନାପତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ତୁଳସୀ ନାଗ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଇଂ.ଆର୍.ପି. ସିଂହ, କଳ୍ପତରୁ ପଣ୍ଡା, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, ଦିଲ୍ଲୀପ ଜେନା, ସୁଧୀର ନାଥ, ଝୁନୁ ପଟ୍ଟନାୟକ, ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ବୋଲି ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ପୃଥିବୀର ସ୍ୱାସ୍ଥ୍ୟ ବିଗାଡୁଛି-'ଫିଙ୍ଗା ଯାଉଥିବା ଖାଦ୍ୟ'




ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ସମଗ୍ର ବିଶ୍ୱରେ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରାଯାଇଥାଏ । ଅନାହାର ଓ ଖାଦ୍ୟ ଅପଚୟକୁ ରୋକିବା ହିଁ ଉକ୍ତ ଦିବସର ମୂଳ ଲକ୍ଷ୍ୟ । ସର୍ବେକ୍ଷଣରୁ ଜଣାଯାଏ ପ୍ରତିଦିନ ଭାରତରେ ୧୯କୋଟି ଲୋକ ଅନାହାରରେ ରୁହନ୍ତି । ଏତଦ୍‌ସହ ଭାରତରେ ୫ବର୍ଷରୁ କମ୍ ବୟସର ଦୈନିକ ୪ ହଜାର ୫ଶହ ଶିଶୁ ଅନାହାର ଓ କୁ-ପୋଷଣ କାରଣରୁ ଜୀବନ ହରାଉଛନ୍ତି । ଆହୁରି ମଧ୍ୟ ଭାରତରେ ପ୍ରତି ବ୍ୟକ୍ତି ବାର୍ଷିକ ହାରାହାରି ୫୧କିଲୋ ଖାଦ୍ୟ ନଷ୍ଟ କରିଥାନ୍ତି । ନଷ୍ଟ ହେଉଥିବା ଖାଦ୍ୟର ୨୫ ପ୍ରତିଶତକୁ ରୋକିଦେଲେ ସେଥିରେ ଦୁନିଆର ୮୨କୋଟି ଭୋକିଲାଙ୍କ ପେଟ ଭରିହେବ । ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ତଥ୍ୟ ଅନୁସାରେ ନଷ୍ଟ ହେଉଥିବା ଏସବୁ ଖାଦ୍ୟରୁ ମିଥେନ୍ ନାମକ କ୍ଷତିକାରକ ଗ୍ୟାସ୍ ଉତ୍ପନ୍ନ ହୋଇଥାଏ, ଯାହା ଅଙ୍ଗାରକାମ୍ଳ ଗ୍ୟାସ୍ ତୁଳନାରେ ୨୮ଗୁଣ କ୍ଷତିକାରକ ଏବଂ ପୃଥିବୀର ସ୍ୱାସ୍ଥ୍ୟ ବିଗାଡ଼ିବା ସହ ବିଶ୍ୱତାପନ ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ । ଏ ନେଇ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକକର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଚିନ୍ତା ପ୍ରକଟ କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜନସଚେତନତା ଉଦ୍ଦେଶ୍ୟରେ ସେ ରଙ୍ଗ-ବେରଙ୍ଗ ମୁରୁଜକୁ ବ୍ୟବହାର କରି ଖାଦ୍ୟ ଅପଚୟକୁ ରୋକିବା ନେଇ ଇଂରାଜୀ ଭାଷାରେ 'ଲଭ୍ ଫୁଡ୍, ଷ୍ଟପ୍ ୱେଷ୍ଟ' ସ୍ଲୋଗାନ୍ ଲେଖି ବିଶ୍ୱବାସୀଙ୍କୁ ଖାଦ୍ୟ ଦିବସରେ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ଅନ୍ନକୁ ଆମ ଦେଶରେ ଦେବୀ ତୁଲ୍ୟ ଭାବେ ବିଚାର କରାଯାଇଥାଏ । ଅନ୍ନକୁ ହତାଦର ଓ ଅପମାନ ନକରିବାକୁ ସମସ୍ତେ ସଂକଳ୍ପ ନିଅନ୍ତୁ, ବଳକା ଖାଦ୍ୟକୁ ନଷ୍ଟ ନକରି ଏଣେତେଣେ ନ ଫୋପାଡ଼ି ଭୋକିଲାଙ୍କ ନିକଟରେ ପହଞ୍ଚାଇବା ପାଇଁ ଶ୍ରୀ ସାହୁ ଜନସାଧାରଣଙ୍କୁ ଏହି ଅବସରରେ ନିବେଦନ କରିଛନ୍ତି ।

## ସିସି କ୍ୟାମେରା ପାଇଁ ଚୋରି ମୋବାଇଲ୍ ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ତଳ ବଜାରରେ ଥିବା ଏକ ସାର ଦୋକାନରୁ ଗତ ୧୭ ତାରିଖ ଅପରାହ୍ନରେ ଏକ ମୋବାଇଲ୍ ଚୋରି ହୋଇ ଯାଇଥିଲା । ତେବେ ଦୋକାନରେ ଲାଗିଥିବା ସିସି କ୍ୟାମେରାରେ କଏଦ୍ ହୋଇଥିବା ଭିଡିଓ ଚିତ୍ରରୁ ହ୍ୟାପ୍ ପ୍ୟାଣ୍ଟ ଓ ଟିସାର୍ଟ ପିନ୍ଧିଥିବା ଜଣେ ଯୁବକ ମୋବାଇଲଟିକୁ ନେଇ ଚମ୍ପଟ ମାରିଥିବା ଜଣାପଡିଥିଲା । ପରେ ସାର ଦୋକାନୀ ପ୍ରଦୀପ୍ତ କୁମାର ଦାଶ ଏହି ଭିଡିଓକୁ ଫେସ୍ ବୁକ୍‌ରେ ଭାଇରାଲ୍ କରି ଦେଇଥିଲେ । ପରେ ଉକ୍ତ ମୋଇଲଲ୍ ଲୁଟେରା ସ୍ଥାନୀୟ ଉତ୍ତରପ୍ରତାପ ପଂଚାୟତ ନୀଳକଣ୍ଠପୁର ଗ୍ରାମର ଜଣେ ଯୁବକ ବୋଲି ଖବର ମିଳିଥିଲା । ଦୋକାନୀ କର୍ମଚାରୀ ଯୁବକଙ୍କ ଘରେ ପହଁଚି ପରିବାର ଲୋକଙ୍କ ନିକଟରୁ ଉକ୍ତ ଚୋରି ମୋବାଇଲ୍‌କୁ ଉଦ୍ଧାର କରିଥିଲେ । ହେଲେ ଯୁବକ ଧରାଛୁଆଁ ଦେଇନଥିଲେ । ଉକ୍ତ ଯୁବକ ନାଁରେ ଥାନାରେ ଏତଲା ଦିଆଯାଇଛି ବୋଲି ଦୋକାନୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଜାରକାସ୍ଥିତ ମା' ଫର୍ଟିଲାଇଜରର କର୍ମଚାରୀ ସ୍ଥାନୀୟ ଦେଉଳିପାଳ ଗ୍ରାମର ସୁବ୍ରତ ଧଳ ନିଜ ମୋବାଇଲ୍‌କୁ ଦୋକାନ ସୋ' କେଶ୍ ଉପରେ ରଖି ପଛପାର୍ଶ୍ୱକୁ ପରିସ୍ରା କରିବାକୁ ଯାଇଥିଲେ । ଏହି ସମୟରେ କେହି ନଥିବାର ସୁଯୋଗ ନେଇ ଉକ୍ତ ଯୁବକ ଏଠାରୁ ମୋବାଇଲ୍‌କୁ ଉଠାଇ ନେଇଥିଲା । ଏହିପରି ଭାବେ ଜାରକା ବଜାରର ଏକାଧିକ ବ୍ୟବସାୟୀଙ୍କ ମୋବାଇଲ୍ ଚୋରି ହୋଇଥିବା ଜଣାପଡିଛି ।

## କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଜୟନ୍ତୀ ପାଳନ



ଯାଜପୁର (ପିଏନ୍): ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷରେ କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଜୟନ୍ତୀ ସଭାପତି କହ୍ନାଇ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସଭାପତି ବନବିହାରୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମ୍ପାଦକ ନୃସିଂହ ଚରଣ ମହାପାତ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ବିରଜା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ଆଗାମୀ ଦିନରେ ଏହି ମହାନ କାର୍ଯ୍ୟରେ ଛାତ୍ରଛାତ୍ରୀମାନଙ୍କୁ ସଂଶ୍ଳିଷ୍ଟ କରିବାକୁ ପରାମର୍ଶ ଦେଇଥିଲେ । ବସୁ ସାହିତ୍ୟ ଉପରେ ପ୍ରାକ୍ତନ ଶିକ୍ଷକ ତଥା ସଦସ୍ୟ ଜଗନ୍ନାଥ ଧଳ କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ମଞ୍ଜୁଳ ଉପାଧି ପ୍ରସଙ୍ଗରେ ସବିଶେଷ ତଥ୍ୟ ପ୍ରଦାନ ପୂର୍ବକ କବିଙ୍କର କେତେକ ପଂକ୍ତି ଉଦ୍ଧାର କରିଥିଲେ । ସହ ସମ୍ପାଦକ କ୍ଷିରୋଦ ଚନ୍ଦ୍ର ପାଠୀ, ଉପ-ସଭାପତି ଗଦାଧର ରାଉତ, ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ମହାରଣା, ଧନଞ୍ଜୟ କେଶରୀ ରାଉତରାୟ, ଶିକ୍ଷାବିତ୍ ପୁଷ୍ପକାନ୍ତ ମଲ୍ଲିକ, କବି ମଞ୍ଜୁଳଙ୍କ ନାଟ୍ୟ ସାହିତ୍ୟ ଜଗତର ବହୁମୁଖୀ ପ୍ରତିଭା ଓ ନୈପୁଣ୍ୟ ଉପରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ରବିନ୍ଦ୍ର କୁମାର ମହାନ୍ତି, ଶରତ ଚନ୍ଦ୍ର ସାମଲ, ସୁପ୍ରଭା ନାୟକ, ରାମ କୃଷ୍ଣ ବେହୁରିଆ ସଦସ୍ୟଗଣ ଯୋଗଦାନ କରିଥିଲେ । ପରିଶେଷରେ ଯୁଗ୍ମ ସମ୍ପାଦକ ପାଣ୍ଡବ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିର୍ମାଣାଧିନ ନୂତନ ଡାକ୍ତରଖାନା କୋଠାରୁ ଖସିପଡି ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଇଚ୍ଛାପୁର ଠାରେ ନିର୍ମାଣାଧିନ 'ମାତୃ ଓ ଶିଶୁ ଡାକ୍ତରଖାନା'ର ବହୁତଳ ବିଶିଷ୍ଟ କୋଠାରୁ ଖସିପଡି ମୟୁରଭଞ୍ଜ ଜିଲ୍ଲାର ଉଦ୍ଳା ଥାନା ଅଞ୍ଚଳର ଜଣେ ପ୍ରବାସୀ ନିର୍ମାଣ ଶ୍ରମିକ(ରାଜମିସ୍ତ୍ରୀ) ଜିତୁରାଇ ବେଶ୍ରା(୪୧)ଙ୍କର ଗତ ୨୦୨୦ମସିହା ଜୁଲାଇ ମାସ ୧୮ ତାରିଖରେ ମୃତ୍ୟୁ ହୋଇ ଯାଇଛି । ମାତ୍ର ମୃତ୍ୟୁର ୩ ଦିନ ପୂର୍ବରୁ ଉଦ୍ଳାର ମଣିଷ ବେପାରୀ, 'ରଘୁ' ନାମକ ଜନୈକ ଦଲାଲ୍ ୩୫ ଜଣ ନିର୍ମାଣ ଶ୍ରମିକଙ୍କୁ ଆଣି ନିର୍ମାଣାଧିନ ଡାକ୍ତରଖାନାର ମୁଖ୍ୟ ଠିକାଦାରଙ୍କ ପାଖରେ ହାଜର କରାଇଥିଲା । କିନ୍ତୁ ମୃତ୍ୟୁ ଯେ ତାଙ୍କୁ ଅପେକ୍ଷା କରିଛି ସେକଥା ତାଙ୍କୁ ଜଣାନଥିଲା । ଏଠାରେ ସୂଚନା ଯୋଗ୍ୟ ଯେ ବହୁବର୍ଷ ହେବ ସେହି ସ୍ୱାସ୍ଥ୍ୟ ବିଭାଗର କୋଠାକୁ ବମ୍ବେର ନରିମାନ ପଏଣ୍ଟରେ ଅବସ୍ଥିତ ଏକ ଠିକାଦାର ସଂସ୍ଥା(ଇଞ୍ଜିନିୟରିଂ ଇଣ୍ଡିଆ) ନିର୍ମାଣ କାର୍ଯ୍ୟର ଠିକା ନେଇ କାମ କରୁଛି । ଶ୍ରମ ଆଇନ ଅନୁସାରେ ଜିଲ୍ଲା ଶ୍ରମ ଅଧିକାରୀ ସଂପୃକ୍ତ ଠିକାସଂସ୍ଥାକୁ ଶ୍ରମିକ ଲାଇସେନ୍‌ସ ପ୍ରଦାନ କରିଥିବେ । ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ସେହି ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି । ଶ୍ରମ ଆଇନ ଅନୁଯାଇ ଠିକାଦାର ପାଖରେ ମଷ୍ଟର ରୋଲ, ୱେଜ ରେଜିଷ୍ଟର, ଓଭରଟାଇମ୍ ରେଜିଷ୍ଟର ପ୍ରଭୃତି ରେକର୍ଡପତ୍ର ରହିଥିବା ସହିତ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ମଧ୍ୟ ସେସବୁ ରେକର୍ଡ ଦିଆଯାଇଥିବ । ନିରାପତ୍ତା ସମ୍ବନ୍ଧୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ଶ୍ରମ ଅଧିକାରୀ ଠିକାଦାରଙ୍କୁ ବାଧ୍ୟ କରିଥିବେ । ଏଥିପାଇଁ ମଧ୍ୟ ଶ୍ରମ ଶ୍ରମ ନିରୀକ୍ଷକ ନିୟମିତ ନିର୍ମାଣ ସ୍ଥଳ ପରିଦର୍ଶନ କରୁଥିବେ । କିନ୍ତୁ ମୃତ ଶ୍ରମିକଙ୍କର ମୁଣ୍ଡରେ ହେଲମେଟ କିମ୍ବା ଅଣ୍ଟାରେ ବେଲ୍ଟ ନଥିଲା । ତାହା ଥିଲେ ହତଭାଗ୍ୟ ଶ୍ରମିକଟି ବଞ୍ଚି ଯାଇଥାନ୍ତା । ମୃତ ଶ୍ରମିକର ଶବ ଉଦ୍ଧାର ଏବଂ ପୋଷ୍ଟମର୍ଟମ ମଧ୍ୟ କେନ୍ଦ୍ରାପଡା ସଦରଥାନା ପକ୍ଷରୁ କରାଯାଇଥିବ । କେନ୍ଦ୍ରାପଡା ଶ୍ରମ କାର୍ଯ୍ୟାଳୟରେ ନିଜେ ପ୍ରଭାଗୀୟ ଅଧିକାରୀ, ଜିଲ୍ଲା ଶ୍ରମ ବିଭାଗ ଦାୟୀତ୍ୱରେ ଥିବାରୁ ତାଙ୍କର ଦାୟୀତ୍ୱକୁ ଏଡାଇ ଦିଆଯାଇ ପାରିବନାହିଁ । ସମ୍ପୂର୍ଣ୍ଣ ବେଆଇନ ଓ ନିରାପତ୍ତା ବିହୀନ ପଦକ୍ଷେପ ପାଇଁ ସଂପୃକ୍ତ ଠିକାସଂସ୍ଥା ଇଞ୍ଜିନିୟରିଂ ଇଣ୍ଡିଆର ମୁଖ୍ୟ ଅଧିକାରୀଙ୍କୁ ନୋଟିସ କରାଯାଇ ଶ୍ରମ ଆଇନ୍ ଅନୁସାରେ ଜୋରିମାନା ଓ ଏକବର୍ଷ ଜେଲ୍ ଦଣ୍ଡ ଦେବା ସହିତ ଉକ୍ତ ସଂସ୍ଥାକୁ କଳା ତାଲିକା ଭୁକ୍ତ କରାଯିବା ଆବଶ୍ୟକ । ଜୁଲାଇ ମାସରୁ ଅକ୍ଟୋବର ମାସ ଅଧା ହେଲେ ସୁଦ୍ଧା ମୃତ ଶ୍ରମିକର ପରିବାରକୁ ସହାୟତା ରାଶି ମିଳିପାରିନାହିଁ । ଏପରିକି କେନ୍ଦ୍ରାପଡା ଶ୍ରମ କାର୍ଯ୍ୟାଳୟରୁ ମୃତ ଶ୍ରମିକର ଘର, ମୟୁରଭଞ୍ଜକୁ କୌଣସି ଖବର ପଠାଯାଉନାହିଁ । କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ ୧ ନମ୍ବର ଡିଭିଜନର ନିର୍ବାହୀ ଯନ୍ତ୍ରୀ ମୃତ ଶ୍ରମିକଙ୍କ ପରିବାରକୁ ପ୍ରିନ୍‌ସିପାଲ ଏମ୍ପ୍ଲୋୟର ହିସାବରେ ତୁରନ୍ତ ୨୫ ଲକ୍ଷ ଟଙ୍କା ଦେବା ପାଇଁ କେନ୍ଦ୍ରାପଡା ଜିଲ୍ଲା ସି.ଆଇ.ଟି.ୟୁ. ପକ୍ଷରୁ ଜଗତଜୀବନ ଦାଶ ଦାବି କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାପାଳ କଣ ପାଇଁ ଚୁପ ଅଛନ୍ତି ତାହା ମଧ୍ୟ ଚିନ୍ତାର ବିଷୟ । ଅତିତରେ କେନ୍ଦ୍ରାପଡାରେ ସର୍କିଟ ହାଉସ ନିର୍ମାଣ ସମୟରେ କାର୍ଯ୍ୟସ୍ଥଳରେ ଜଣେ ଶ୍ରମିକ ମୃତ୍ୟୁ ବରଣ କରିଥିଲେ ମଧ୍ୟ ପୂର୍ତ୍ତ ଡିଭିଜନ ତାଙ୍କୁ ଯେନତେନ ଭାବରେ ରଫାଦଫା କରିଦେଇଥିଲା । ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଅସଲ ଠିକାଦାରଙ୍କୁ ନିରାପତ୍ତା ପାଇଁ ଉପଯୁକ୍ତ ପଦକ୍ଷେପ ନେଇନଥିବା ଓ ଶ୍ରମିକର ମୃତ୍ୟୁ ପାଇଁ ତାଙ୍କୁ ଗିରଫ କରାଯିବା ସହ ସଂସ୍ଥାକୁ କଳା ତାଲିକା ଭୁକ୍ତ କରାଯାଉ ଏବଂ ମୃତ ଶ୍ରମିକଙ୍କ ବେସାହାରା ପରିବାରକୁ ସର୍ବନିମ୍ନ ୨୫ ଲକ୍ଷ ଟଙ୍କା କ୍ଷତି ପୁରଣ ପ୍ରଦାନ କରାଯିବାକୁଁ ସି.ଆଇ.ଟି.ୟୁ. ପକ୍ଷରୁ ଶ୍ରୀ ଦାଶ ଦାବି କରିଛନ୍ତି ।

## ବିହାରୀଲାଲ ସ୍ପୋର୍ଟସ କ୍ଲବ ଘର ଉଦଘାଟିତ




ଭୁବନେଶ୍ୱର (ପିଏନ୍): ପୋଖରୀପୁଟ ସ୍ଥିତ ବିହାରୀଲାଲ ସ୍ପୋର୍ଟସ କ୍ଲବ ଉଦ୍‌ଘାଟିତ ହୋଇଯାଇଛି । ୪୩ବର୍ଷ ଧରି ପୋଖରୀପୁଟ ସ୍ଥିତ ଖେଳପଡ଼ିଆର ରକ୍ଷଣାବେକ୍ଷଣ କରିବା ଓ ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା କରିବା । ଏଠାରୁ ବହୁ ଜାତୀୟ ସ୍ତରୀୟ କ୍ରୀଡ଼ାବତ୍ ତାଙ୍କ କ୍ୟାରିଅର ଆରମ୍ଭ କରି ପ୍ରତିଷ୍ଠିତ ହେବା ପଛରେ ବିହାରୀ ଲାଲ ସ୍ପୋର୍ଟସ ଟ୍ରଷ୍ଟର ଭୂମିକା ଗୁରୁତ୍ୱପୂର୍ଣ୍ଣବୋଲି ଉଦଘାଟନ ଅବସରରେ ଅତିଥିମାନେ ମତ ରଖିଥିଲେ । ସେହିଭଳି ନିକଟରେ ରାଜ୍ୟ ସରକାର ଏହି ପୋଖରୀପୁଟ କ୍ରୀଡ଼ା ପଡ଼ିଆକୁ ମିନି ଷ୍ଟାଡ଼ିୟମ ଘୋଷଣା କରିବାକୁ କେତେକ ଅତିଥି ସ୍ୱାଗତ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ରିକେଟ ତାରକା ରଶ୍ମିରଞ୍ଜନ ପରିଡ଼ା ଯୋଗଦେଇ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରିକେଟର ମନୋଜବିଶ୍ୱାଳ, କୋଚ ଦୀପକ ମଂଗରାଜ, ପୂର୍ବତମ ମହିଳା କ୍ରିକେଟ କ୍ୟାପଟେନ ଡ଼ି. ଭାନୁମତି, କୋଚ ଶଂଶାଙ୍କ ଶେଖର ଦାସ, ଅକ୍ଷୟ କୁମାର ପରିଡ଼ା ଅତିଥିଭାବେ ଯୋଗଦେଇଥିଲେ । ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସଦସ୍ୟ ନିର୍ଭୟ କୁମାର ସାମନ୍ତରାୟ, ଗୋପାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି ।




# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

କେନ୍ଦୁଝର: ସ୍କୁଲ ଶିକ୍ଷୟତ୍ରୀ ମମିତା ମେହେରଙ୍କୁ ଅପହରଣ ଓ ହତ୍ୟା ଘଟଣାରେ ସିଧାସଳଖ ସଂପୃକ୍ତ ରାଷ୍ଟ୍ର ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ଦାବିରେ କେନ୍ଦୁଝର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂଙ୍କ ନେତୃତ୍ୱରେ ସହୀଦ ସଦନ ଠାରୁ ଆୟୋଜିତ ବିକ୍ଷୋଭରେ ଉପଯୁକ୍ତ ତଦନ୍ତ ସହିତ ହତ୍ୟାକାଣ୍ଡରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଦାବି ହୋଇଥିଲା । ଏହି ଘଟଣା ସଂପୃକ୍ତ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ତୁରନ୍ତ ବରଖାସ୍ତ କରିବା ସହ ସିବିଆଇ ତଦନ୍ତ ଦାବିରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଆୟୋଜିତ ବିକ୍ଷୋଭରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାନେତ୍ରୀ ମମିତା ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ଜିଲ୍ଲା ଉପସଭାପତି ସ୍ୱପ୍ନା ସାହୁ, ଗଣେଶ୍ୱର ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୁତ୍ରଧର, ସହସମ୍ପାଦକ ଜୟଦେବ ଗିରି, ଜିଲ୍ଲା ସମ୍ପାଦକ ଦୀପକ ଜେନା, ନଗର ସଭାପତି ବିଶ୍ୱଜିତ ତ୍ରିପାଠୀ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ହେମରନ ବାରିକ, ବିଜେପି ନେତା ଦିଲ୍ଲୀପ କୁମାର ପଣ୍ଡା, ଲକ୍ଷବଚ୍ଛ ରାଉତ, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଶ୍ରଦ୍ଧାଳୀ କର, ଜିଲ୍ଲା ମହିଳା ମୋର୍ଚ୍ଚା ସୋସିଆଲ ମିଡିଆ ସଂଯୋଜକ ଅନୁସୟା ସାହୁ, ସଂଖ୍ୟାଲଘୁ ନେତା ଜଲ୍ଲାଲୁଦିନ ଆକବର, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ମଲ୍ଲିକ, ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ଅଶ୍ୱିନୀ ମହାନ୍ତ, ଜିଲ୍ଲା ସଂଯୋଜକ ସୁମନ୍ତ କୁମାର ସାହୁ, ନଗର ଯୁବମୋର୍ଚ୍ଚା ସଭାପତି ପ୍ରିୟବ୍ରତ ଜେନା, ରମେଶ ମୁଣ୍ଡା, ସୁରେଶ ମହାନ୍ତ, ବିଜେପି ନେତ୍ରୀ ଅନିତା ଝା, ପଦ୍ମାବତୀ ନାୟକ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ ।




## କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଘଷିପୁରା,(ପି.ଏନ):କେନ୍ଦ୍ର ସରକାରଙ୍କ ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁଙ୍କୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସ୍ଥିତ ଶାଳପଡା ଠାରେ ବରିଷ୍ଠ ବିଜେପି ନେତା ଡ. ଶମ୍ଭୁନାଥ ରାଉତଙ୍କ ନେତୃତ୍ୱରେ ରାଜ୍ୟ ତଥା ଜିଲ୍ଲାର ବହୁ ବରିଷ୍ଠ ବିଜେପି ନେତୃମଣ୍ଡଳୀଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ମୟୁରଭ ଜିଲ୍ଲାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ସାରି ଆନନ୍ଦପୁର ଦେଇ ଭୁ ବନେଶ୍ୱର ଫେରିବା ଖବର ପାଇବା ପରେ ଆନନ୍ଦପୁର ଓ ଘଷିପୁରା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତୃମଣ୍ଡଳୀଙ୍କ ଦ୍ୱାରା ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପରମୁହୂର୍ତ୍ତରେ ମନ୍ତ୍ରୀ ନିଜ ତରଫରୁ ଉତ୍କଣ୍ଠା ପ୍ରକାଶ କରି ଶାଳପଡା ଜଳସେଚନ ଡାକ ବଙ୍ଗଳା ଠାରେ କିଛି ସମୟ ପାଇଁ ଉପସ୍ଥିତ ଭାରତୀୟ ଜନତା ପାର୍ଟିର ନେତୃବର୍ଗଙ୍କ ସହ ପରିଚିତ ହେବା ସହ ଆଂଚଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ କେନ୍ଦୁଝର ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ

କେନ୍ଦୁଝର:(ପି.ଏନ): କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ମହାଲିଙ୍ଗା ଠାରେ ସନସାଇନ୍ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ନାଟକୀୟ ଅପହରଣ ଏବଂ ପରେ ହତ୍ୟା କରିବା ଘଟଣାରେ ସଂପୃକ୍ତ ରାଜ୍ୟ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ସ୍କୁଲ ମାଲିକ ଗୋବିନ୍ଦ ସାହୁଙ୍କୁ ଗିରଫ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ଏବଂ ସିବିଆଇ ତଦନ୍ତ ଦାବିରେ ଓଡିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲ୍ଲା ମହିଳା ସଭାନେତ୍ରୀ ସଙ୍ଗୀତା ସିଂହଙ୍କ ନେତୃତ୍ୱରେ ସ୍ଥାନୀୟ କଂଗ୍ରେସ ଭବନରୁ ମହିଳା ଓ ଯୁବ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ବିଜେଡି ସରକାରଙ୍କ ଅପାରଗତା, ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟ, ଧର୍ଷଣ, ଲୁଣ୍ଠନ ବିରୁଦ୍ଧରେ ସ୍ଲୋଗାନ ଓ ନାରାବାଜି ଦେଇ ସହର ପରିକ୍ରମା କରିବା ସହିତ କେନ୍ଦୁଝର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ କରିବା ସହ ବିକ୍ଷୋଭ କରିଥିଲେ ଏବଂ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏଥିରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା କଂଗ୍ରେସ ଉପସଭାପତି ବସନ୍ତ କୁମାର ଦାସ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, କଂଗ୍ରେସ ନେତା ଲଳିତ ମୋହନ ନାୟକ, କବିନ୍ଦ୍ର ସାହୁ, ସୁଢଳ କୁମାର ସେଠୀ, କୋଦଣ୍ଡଧର ଜେନା, ଆର୍ତ୍ତତ୍ରଣ ଦାସ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ମୀନାରାଣୀ ବେହେରା, ସାଧାରଣ ସମ୍ପାଦକ ପ୍ରୀତମ ମହାନ୍ତି, ଆନନ୍ଦ ମାଝୀ, ସୌମ୍ୟରନ ରାଉତ, ବାବୁନ ରାଉତ, ଏସ୍ ଶକ୍ତି ସ୍ୱରୂପ, ରୁଦ୍ରନାରାୟଣ ସାହୁ, ମହିଳା କଂଗ୍ରେସ ନେତ୍ରୀ ସୁଶୀଳା ନାଏକ, ସୁମନ ନାଏକ, ଅଳି ରାଉତ, ତିଳୋତ୍ତମା ସାହୁ, କୁନ୍ଦ ନାଏକ ଏବଂ ରୀନା ମହାରଣାଙ୍କ ସମେତ ଶତାଧିକ ମହିଳା ଓ ଯୁବ କଂଗ୍ରେସ କର୍ମୀ ସାମିଲ ଥିଲେ । ଆଇନ୍ ତା ବାଟରେ ଯିବା ନ୍ୟାୟରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ଗିରଫ ଓ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର ନକଲେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର ପ୍ରକାଶ କରିଛନ୍ତି ।




## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତ୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତ୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଚ୍ଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧକ୍ଷତାରେ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ୍ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

# କେଥହଟିଂକୁ ସଂଯୋଗ ନିମନ୍ତେ ପୋଲ ନିର୍ମାଣର ଭୂମିପୂଜନ ଉତ୍ସବ

ଯୋଡା,(ପି.ଏନ):କେଥହଟିଂ ଓ ନିକଟବର୍ତ୍ତୀ ଗ୍ରାମର ବାସିନ୍ଦା ମାନଙ୍କୁ ଉନ୍ନୟମାନର ଯୋଗାଯୋଗ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଟାଟା ଷ୍ଟିଲ ପକ୍ଷରୁ କେଥହଟିଂ ସହିତ ବିଛାକୁଣ୍ଡିକୁ ଯୋଡିବା ପାଇଁ ସୁନାନଦୀରେ ଏକ ପୋଲ ନିର୍ମାଣ କରାଯାଉଛି । ଗୁରୁବାର ଦିନ ଆୟୋଜିତ ଏହି ସେତୁର ଭୂମିପୂଜନ ଉତ୍ସବରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରାତିମୟ ଉପସ୍ଥିତ ଥିଲେ । ଏଥି ସହିତ ଯୋଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ, ଟାଟା ଷ୍ଟିଲ ଓଏମ୍ଏମ୍ ବିଭାଗର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଏବଂ ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ରୋଇଡା ସରପଂଚ ଜତୀଶ ଚନ୍ଦ୍ର ନାୟକ, ରୋଇଡା ସମିତିସଭ୍ୟା ତୁଳସୀ ବୋବଙ୍ଗା, ଜଳହରି ସରପଂଚ ମିତା ମୁଣ୍ଡା, ଜଳହରି ସମିତିସଭ୍ୟା ସାବିତ୍ରୀ ମୁଣ୍ଡା, ଜୁରୁଡି ସରପଂଚ ସୁଜାତା ହେମ୍ବ୍ରମ, ଜୁରୁଡି ସଭ୍ୟା ଇନ୍ଦିରା ପାତ୍ର ଓ ରୋଇଡାର ପୂର୍ବତନ ସରପଂଚ ମନମୋଦ୍ଧ ଓରାମଙ୍କ ସହ ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀ, କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ଟଟା ଷ୍ଟିଲ ଫାଉଣ୍ଡେସନ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ସେତୁ ୬୫ଫୁଟ ଲମ୍ବ ଓ ୧୪ଫୁଟ ଓସାରରେ ହୋଇଥିବାରୁ ଏଥିରେ ହାଲୁକା ଯାନ ଯିବା ଆସିବା କରିପାରିବେ, ଯାହାକି ପୂର୍ବରୁ ସମ୍ଭବ ହେଉନଥିଲା । ପୋଲର ନିର୍ମାଣ କାର୍ଯ୍ୟ ତୁରନ୍ତ ପ୍ରଭାବରେ ଆରମ୍ଭ ହେବା ସହିତ ଆଗାମୀ କିଛିମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ । ଏଠାରେ ସୂଚନାଯୋଗ୍ୟ ଯେ ଟାଟାଷ୍ଟିଲର କର୍ପୋରେଟ୍ ସାମାଜିକ ଦାୟୀତ୍ୱବୋଧ ସଂସ୍ଥା ଟଟାଷ୍ଟିଲ ଫାଉଣ୍ଡେସନ ମାଧ୍ୟମରେ କମ୍ପାନୀ ଏହାର କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଂଚଳର ସାମାଜିକ -ଅର୍ଥନୈତିକ ବିକାଶ ପାଇଁ ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପ ନେବା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ଜୀବନ ଜୀବୀକା, ଦକ୍ଷତା ବିକାଶ ଏବଂ ମହିଳା ସଶକ୍ତିକରଣ ଭଳି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଉଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

## ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

# ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର୍ଯ୍ୟ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଅକ୍ଷୟ ମହାନ୍ତିଙ୍କ ପୁଣ୍ୟ ଜୟନ୍ତୀ ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଅନୁଷ୍ଠାନ ପରିସରରେ ଓଡିଆ ସଂଗୀତ ଜଗତର ଅପ୍ରତିଦ୍ୱନ୍ଦୀ ବାଦ୍‌ଶାହା ଚିରସବୁଜ ସଂଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ୮୬ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କଳା ନିକେତନର ପ୍ରତିଷ୍ଠାତା ସଂପାଦକ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା ଅଜୟ କୁମାର ରାଉତ୍ ମୁଖ୍ୟ ଅତିଥି ଏବଂ କବି ତଥା ସ୍ୱରତୀର୍ଥର ସଭାପତି ଡା ମନୋରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅକ୍ଷୟଙ୍କ ସ୍ମୃତି ଚାରଣ କରିଥିଲେ । ଅନୁଷ୍ଠାନର ଶିଳ୍ପୀ ରୂପାଲି ସୂତାର, ବୈଶାଖି ପରିଡା, ପାର୍ବତୀ ପରିଡା, ଭାଗ୍ୟଲକ୍ଷ୍ମୀ ପରିଡା, ରାଜଲକ୍ଷ୍ମୀ ପରିଡା, ସୁଧାରାଣୀ ସାହୁ ପ୍ରମୁଖ କଳାକାରମାନେ ପ୍ରଥମେ ଅକ୍ଷୟଙ୍କ କାଳଜୟୀ ସୃଷ୍ଟି ପେଟେଂଟ୍ ମେଡିସିନ୍, କାଂଚି ଅଭିଯାନ, ମାଠିଆରେ ଗୋଟେ କଣା, ଢୁଲ ପାରେ ବଜା, ନାଉରିଆ ଗୀତ, ଫୁଲେଇ ରାଣୀ ଇତ୍ୟାଦି ଉପରେ ନୃତ୍ୟାଭିନୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ । ଶ୍ରଦ୍ଧାଞ୍ଜଳି ସଭା ଶେଷରେ ବହୁ ପ୍ରତିକ୍ଷୀତ ଅକ୍ଷୟ ମହାନ୍ତି ସଂଗୀତ ସଂଧ୍ୟା ଶ୍ରୀ ପରିଡାଙ୍କ ନେତୃତ୍ୱ ତଥା ବଳିଷ୍ଠ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ପରିଡାଙ୍କ ସମେତ ନିରୁପମା ଜେନା, ରଞ୍ଜନ ବରାଳ, କୈଳାସ ପରିଡା, ଅଜୟ ଜେନା, ବଳରାମ ମଳିକ, ପର୍ଶୁରାମ ସ୍ୱାଇଁ ପ୍ରମୁଖ କଳାକାରମାନେ ଅଂଶ ଗ୍ରହଣ କରିଥିଲେ । ଅକ୍ଷୟଙ୍କ ଜନପ୍ରିୟ ଗୀତ କେଣେ ଘେନି ଯାଉଛ, ପୁଣ୍ୟର ନଦୀ ତୀରେ, ହେ ଫଗୁଣ ତୁମେ, ନଦୀ ତୋର, ଏଇ ଯେ ବନଲତା ପାହାଡ, ନିଦ ଏକ ଫୁଲବନ, ନିଦ ମାଉସୀ, ବାଜେ ବଇଁଶୀ ଏବଂ ଦୁନିଆଁ ଜାଣେତ ଶିଳ୍ପୀମାନଙ୍କ କଣ୍ଠରେ ଏକ ଭାବଗମ୍ଭୀର ପରିବେଶ ସୃଷ୍ଟି କରିଥିଲା । ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା କି ବୋର୍ଡ ବାଦକ ସ୍ୱର୍ଗତ ଉମେଶ ଚନ୍ଦ୍ର ପଣ୍ଡାଙ୍କୁ ଅନୁଷ୍ଠାନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗୁରୁ ପ୍ରକାନ୍ତ ମହାରଣା, ପ୍ରମୋଦ ଦାସ୍, ରବୀନ୍ଦ୍ରନାଥ ମିଶ୍ର, ଧିରାମଣି ପରିଡା, ଦିବ୍ୟଜ୍ୟୋତି ପରିଡା, ବିଶାଲ୍ ପରିଡା, ଅମର ବିଶ୍ୱାଳ, ଅଜୟ ପଣ୍ଡା, ସୁବାସ ପାତ୍ର, ନୃସିଂହ ତ୍ରପାଠୀ, କାଶୀନାଥ ରାଉତରାୟ, ପ୍ରଣବ କୁମାର ଜେନା, ରାମକୃଷ୍ଣ ଦାଶ, ତ୍ରିଲୋଚନ ଜେନା, ନିରଞ୍ଜନ ପରିଡା, ଅଞ୍ଜନ ସ୍ୱାଇଁ, ହେମନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଗୁରୁ ସମୀରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଲନଖରା ଅଞ୍ଚଳରେ ଦୁର୍ଗାପୂଜା ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ଫୁଲନଖରା ଅଞ୍ଚଳରେ ଦୁର୍ଗାପୂଜା କୋଭିଡ୍ କଟକଣା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ପ୍ରତାପନଗରୀ, ମହୀଧରପଡ଼ା, ପାଇକସାହି, ରାମନଗର, ଗୋପାଳପୁର, କାଚରାମାଳ, ଭାଣପୁର, ବାଲିକୁଦା, ତେଲେଙ୍ଗାପେଣ୍ଠ ଆଦି ସ୍ଥାନରେ ଥିବା ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କଟକ ଡିସିପି ପ୍ରତୀକ ସିଂହ, ସଦର ଆଇଆଇସି ସୁଧାଂଶୁଭୂଷଣ ଜେନା, ଏସିପି ଚନ୍ଦନ ଘଡ଼େଇ ପ୍ରମୁଖ ବିଭିନ୍ନ ମଣ୍ଡପ ପରିଦର୍ଶନ କରିଥିଲେ । ପୂଜା କମିଟି ପକ୍ଷରୁ ସେଠାରେ ପୋଲିସ ଅଧିକାରୀଙ୍କ ସମେତ ସାମ୍ବାଦିକ ଓ ମୁରବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଗଙ୍ଗେଶ୍ୱରଗଡ଼, ବେତଖୋଲି, ଗୁଆଳି, ସାଶୋଳ ଆଦି ଅଞ୍ଚଳରେ ଦଶହରା ପର୍ବ ପାଳିତ ହୋଇଥିଲା । ଏହି ଉପଲକ୍ଷେ କ୍ଷତ୍ରୀୟମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ପାଇକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ । ସଦର ଥାନା ଅଞ୍ଚଳରେ ଥିବା ୩୦ଟି ପୂଜା ମଣ୍ଡପରେ ପୂଜା ଓ ଭସାଣି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି ।

# ବାଲେଶ୍ୱରରେ ବର୍ଷା ବିତ୍ପାତ: ସର୍ବାଧିକ ୯୨ ମିଲିମିଟର ବର୍ଷା ରେକର୍ଡ଼

ବାଲେଶ୍ୱର (ପିଏନ୍): ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟିକାରଣରୁ ଆଗାମୀ ୪ ଦିନ ପାଇଁ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୁଚନା ଦିଆଯାଇଥିଲା । ତେବେ ଅହରହ ବର୍ଷା ଲାଗି ରହିବା ଫଳରେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ଦଶହରା ପରଠାରୁ ଆଜିଯାଏଁ ଏହି ବର୍ଷା ଲାଗି ରହିବା ଫଳରେ ରାସ୍ତାଗଡ଼ରେ ବସୁଥିବା ଫଳ, ପନିପରିବା ଦୋକାନୀ ଓ ଅନ୍ୟାନ୍ୟ ବ୍ୟବସାୟ କରି ଚଳୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି । ଏହି ଲଗାଣ ବର୍ଷା ଫଳରେ ପନିପରିବାର ଦର ଅହେତୁକ ଭାବେ ବୃଦ୍ଧି ପାଇବାକୁ ଲାଗିଛି । ଏହିଭଳି ଅବସ୍ଥା ଲାଗିରହିଲେ ବାଲେଶ୍ୱରର ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢାବଳଙ୍ଗ, କାଂଶବାଂଶ, ଜଳକା ଆଦି ନଦୀରେ ବନ୍ୟା ହେବାର ଆଶଙ୍କା ଦେଖାଦେଇଛି । ତେବେ ବର୍ଷା ଯୋଗୁଁ କୌଣସି କ୍ଷୟକ୍ଷତିର ଖବର ମିଳି ନ ଥିବାର ଜଣାଯାଇଛି । ବର୍ଷାଜଳ ସହରରେ ଥିବା ଡ୍ରେନ୍ ମାନଙ୍କରେ ଜମି ରହିବା ଫଳରେ ଅହେତୁକ ଜଳ ନିଷ୍କାସନର ବଧା ସୃଷ୍ଟି କରିଛି । ପ୍ରତିବର୍ଷ ଦଶହରା ପୂର୍ବରୁ ସହରରେ ଥିବା ଛୋଟ ଛୋଟ ନାଳ ନର୍ଦ୍ଦମା ଓ ମହାନାଳ ପୌରପାଳିକା ପକ୍ଷରୁ ସଫା କରାଯାଇଥାଏ । ଏହାଛଡ଼ା ରାସ୍ତା ଧାରରେ ଥିବା ଅନାବନା ଗଛ ଇତ୍ୟାଦିକୁ କଟାଯାଇ ସହରକୁ ସଫାସୁତୁରା କରାଯାଇଥାଏ । କିନ୍ତୁ ଏ ବର୍ଷ ପୌରପାଳିକା ପକ୍ଷରୁ କୌଣସି ବ୍ୟବସ୍ଥା ହୋଇନାହିଁ । ଏଥି ସହିତ ଅନବରତ ବର୍ଷା ଲାଗି ରହିବା ଫଳରେ ସହରର ଅନେକ ରାସ୍ତା ବିଶେଷ କରି ନୂଆବଜାର, କଚେରୀ ବଜାର, ମୋତିଗଞ୍ଜ ବଜାର, କଲେଜ ଛକ, ସୁନହଟ, ଆଇଟିଆଇରୁ ଯାଇଥିବା ଚାନ୍ଦିପୁର ରାସ୍ତାରେ ଅନେକ ଖାଲଖମା ସୃଷ୍ଟି ହୋଇ ବର୍ଷା ଜଳ ଜମିରହିବା ଫଳରେ ଯାତାୟତର ବାଧା ସୃଷ୍ଟି ହେବା ସହ ଦୁର୍ଘଟଣାମାନ ଘଟୁଛି । ଏବେ ସରକାରୀ ଛୁଟି ଚାଲିଥିବାରୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଏବଂ ପୌରପାଳିକାର କର୍ମଚାରୀମାନେ ରାସ୍ତାର ଏପ୍ରକାର ଅବସ୍ଥା ପ୍ରତି ଧ୍ୟାନ ଦେଉ ନାହାନ୍ତି । ଏହିପରି ଫକୀର ମୋହନ ଗୋଲେଇ ଫ୍ଲାଏ ଓଭର ବ୍ରିଜ୍‌ଠାରୁ ରମୁଣା ଗୋଲେଇ ପର୍ଯ୍ୟନ୍ତ ଥିବା ରାସ୍ତା ଓ ଫୁଲାଡ଼ି ରାସ୍ତା ମଧ ଏପରି ଖାଲଖମାରେ ଭରପୁର ହୋଇଛି । ତେବେ ବର୍ଷା ଜଳ ନିଷ୍କାସନ କରାଯିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ସାଧାରଣରେ ଦାବୀ କରାଯାଇଛି । ଏହାର ଛଡ଼ା ବିଗତ ଦଶହରା ପର୍ବରେ ବଜାର ଘାଟରେ ଫଳ, ପନିପରିବା ଓ ଅନ୍ୟାନ୍ୟ ଅବାର୍ଜନା କୁଢ କୁଢ ହୋଇ ମୁଖ୍ୟ ରାସ୍ତା ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଂଲଗ୍ନ ଫାଣ୍ଡି ବଜାର ଓ ଅନ୍ୟାନ୍ୟ ସ୍ଥାନରେ ଆବର୍ଜନା ଭରପୁର ହୋଇ ରହିଛି । ସହରକୁ ଆବର୍ଜନା ମୁକ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପର୍ଯ୍ୟାପ୍ତ ଅର୍ଥ ଦେଉଥିବା ବେଳେ ଏହାର ସଦ୍ ବିନିଯୋଗ ହୋଇପାରୁନାହିଁ । ଖୋଦ ଜିଲ୍ଲାପାଳ ପୌରପାଳିକାର ଅଧକ୍ଷ (ପ୍ରଶାସକ) ଓ ଉପଜିଲ୍ଲାପାଳ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଅଛନ୍ତି । ଏ ଦିଗରେ ଉଭୟ ପ୍ରଶାସନିକ ଅଧିକାର ଯତ୍ନବାନ ହେବାକୁ ବୁଦ୍ଧୀଜୀବୀ ମହଲୁ ମତ ପ୍ରକାଶ ପାଇଛି ।

# ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ କ୍ୟାଣ୍ଡେଲ ଶୋଭାଯାତ୍ରା




କେନ୍ଦ୍ରାପଡ଼ା (ପିଏନ୍): ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଓଡିଶା କୃଷକ ସଭାର ଜିଲ୍ଲା ନେତା ବିଜୟ ଦାସଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ବ୍ଲକର ସାନଜରିଆ ଗ୍ରାମପଞ୍ଚାୟତର ଶତାଧିକ ଚାଷୀ ଏକ ମହମବତୀ ମଶାଲ ଶୋଭାଯାତ୍ରାରେ ବାହାରି ଭାରତ ମାତାଙ୍କ ପ୍ରତିକୃତି ପ୍ରତିଗ୍ରାମେ ଗ୍ରାମେ ବିଜେ ଅଧିଷ୍ଠାତ୍ରୀ ଗ୍ରାମଦେବୀ ପୀଠମାନଙ୍କରେ ଆଲୋକ ପ୍ରଜ୍ୱଳନ ପୂର୍ବକ ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଖୀରିଠାରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀ କିଷାନମାନଙ୍କୁ କେନ୍ଦ୍ରୀୟ ଗୃହରାଜ୍ୟମନ୍ତ୍ରୀଙ୍କ ଷଡଯନ୍ତ୍ରରେ ତାଙ୍କ ପୁଅ ଅଜୟ ମିଶ୍ରଙ୍କ ଗାଡିଦ୍ୱାରା ଅମାନବୀୟ ଅକ୍ରମଣରେ ଶହୀଦ୍ ହୋଇଥିବା ପାଞ୍ଚଜଣ ଚାଷୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ସେମାନଙ୍କ ଅମରଆତ୍ମାର ସଦ୍‌ଗତି କାମନା କରାଯାଇଛି । ଏହି ଅବସରରେ କେନ୍ଦ୍ରୀୟ ଗୃହରାଜ୍ୟମନ୍ତ୍ରୀଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର ସହିତ ଅଭିଯୁକ୍ତ ପୁଅ ସମେତ ସମସ୍ତ ଦୋଷୀଙ୍କୁ କଠୋରତମ ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ଶ୍ରଦ୍ଧାଞ୍ଜଳୀ ସଭାରେ ସାନଜରିଆ ଧାନମଣ୍ଡି ବିକ୍ରେତା କୃଷକ ସଂଘର ଚାଷୀ ସହଦେବ ଦାସ, ଶତୃଘନ ରାଉତ, ସୁକାନ୍ତ ସାହୁ, ପ୍ରେମାନନ୍ଦ ମଳିକ, ହରେକୃଷ୍ଣ ବାରିକ, ହରିହର ବେହେରା, ଗୁରୁଚରଣ ବାରିକ, ଶିଶିର ବାରିକ, ବିମ୍ବଭାନୁ ଦାସ, ନିରଞ୍ଜନ ମଳିକ, ବ୍ରହ୍ମାନନ୍ଦ ବାରିକ, ରାମଚନ୍ଦ୍ର ପରିଡା ପ୍ରମୁଖ ବକ୍ତାମାନେ ଦାବି ରଖିଥିଲେ ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶିବିର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ସ୍ୱତନ୍ତ୍ର ପୂଜା ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଉପାଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଏହି ଶିବିରର ଶୁଭାରମ୍ଭ କରିଥିଲେ । ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ପ୍ରଫେସର ପ୍ରମୋଦ କୁମାର ବେହେରା ଏବଂ ମିନତୀ କାଣ୍ଡି ଏହି ସେବା ଶିବିରର ପରିଚାଳନା କରିଥିଲେ । ଏହି ଅବସରରେ ସେବା ଯୋଜନାର ଶିବିରାର୍ଥୀ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରରୁ ବାହାରି ତିନିମୁହାଣି ଛକ ଦେଇ କେନ୍ଦ୍ରାପଡା ସହର ପରିକ୍ରମା କରି ଜନସାଧାରଣଙ୍କୁ ନିଶା ନିବାରଣ ଉପରେ ସଚେତନ କରାଇଥିଲେ । ଏଥିସହିତ ମହାବିଦ୍ୟାଳୟ ପରିସରକୁ ଶିବିରାର୍ଥୀମାନେ ସଫେଇ କରିବା ସହିତ କଲେଜ ପରିସରରେ ପିସ୍ତାବାଦାମ, ଝାଉଁ, ପିଜୁଳି, ରାଧାଚୁଡା, କୃଷ୍ଣଚୁଡା ପ୍ରଭୃତି ଗଛର ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମ ୭ଦିନ ଧରି ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ସମ୍ପାଦକ ବ୍ରଜ ନାରାୟଣ ପାତ୍ର ଯୋଗଦେଇଥିଲେ । ଅଧ୍ୟାପକ ଗୌରହରୀ ଷଡଙ୍ଗୀ, ଅଧ୍ୟାପକ ଅଶୋକ କୁମାର ଦାସ, ଜାତୀୟ ସେବା ଯୋଜନାର ପ୍ରାକ୍ତନ ସ୍ୱେଚ୍ଛାସେବୀ ଗୌତ୍ତମ ସାହୁ, ସତ୍ୟବ୍ରତ ପ୍ରଧାନଙ୍କ ସମେତ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।

# ତରଡିପାଳରେ ଭଲିବଲ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇର ଧୋୟାଞ୍ଚଳକୁ ଏକଦା ଭଲିବଲ ଖେଳର ଏନ୍ତୁଡିଶାଳ କୁହାଯାଉଥିଲା । ବିଶେଷକରି ତରଡିପାଳ, ଅମୃତମଣୋହି, ଅଳପୁଆ ଓ ଅଣ୍ଡରା ପ୍ରଭୃତି ଗ୍ରାମପଞ୍ଚାୟତର ଏକାଧିକ ଯୁବକ ଭଲିବଲ ଖେଳରେ ପାରଦର୍ଶିତା ଦେଖାଇ ସରକାରୀ ଚାକିରୀରେ ଅବସ୍ଥାପିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସ୍ୱର୍ଗତଃ ପ୍ରଫୁଲ୍ଲ ବିଶ୍ୱାଳ ଥିଲେ ଅନ୍ୟତମ । ତାଙ୍କର ଅକାଳ ବିୟୋଗରେ ତରଡିପାଳ ଗ୍ରାମ ସମେତ ପଟ୍ଟାମୁଣ୍ଡାଇ ଓ ବରୀ ଅଞ୍ଚଳର କ୍ରୀଡାପ୍ରେମୀ ଅତ୍ୟନ୍ତ ଦୁଃଖିତ ତଥା ମର୍ମାହତ । ତାଙ୍କ ଏକାଦଶାହ ଅବସରରେ ତରଡିପାଳ ଜାତୀୟ କ୍ରୀଡା ସଂସଦ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାଧାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ଶୋକସଭାରେ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରଥମେ ଭଲି ଖେଳିବା ଏବଂ ଶେଷ ପର୍ଯ୍ୟନ୍ତ ଚାକିରୀରେ ସହକର୍ମୀ ଥିବା ଜନ୍ମେଜୟ ମଲ୍ଲିକଙ୍କ ସ୍ମୃତିଚାରଣ ବକ୍ତବ୍ୟ ଥିଲା ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟସ୍ପର୍ଶି । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଡଃ. ଗଦାଧର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ନାରାୟଣ ବିଶ୍ୱାଳ, ନୃସିଂହ ଚରଣ ବିଶ୍ୱାଳ, ଅମୃତମଣୋହି ସରପଞ୍ଚ କୁଳମଣି ମଳିକ, ପୁରୁଷୋତ୍ତମ ବିଶ୍ୱାଳ, ସୁଧାଂଶୁ ଶେଖର ଦାସ, ନଳିନୀକାନ୍ତ ବିଶ୍ୱାଳ, ସାମ୍ବାଦିକ ନରେନ୍ଦ୍ର ଧଳ, ଯୁବନେତା ନିରଞ୍ଜନ ବାରିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜାତୀୟ କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ନୃସିଂହ ଚରଣ ବିଶ୍ୱାଳ, ସୁଶିଲ କୁମାର ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ବିଶ୍ୱାଳ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ କେନ୍ଦ୍ରାପଡାରେ ସାମାଜିକ କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୭୫ତମ ଜନ୍ମ ଦିବସ ପାଳନ ଅବସରରେ କେନ୍ଦ୍ରାପଡା ସଦର ମହକୁମାଠାରେ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଗତ ଶନିବାର ସକାଳ ୮ଟା ସମୟରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରାଯିବା ପରେ ମହାବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା । ଏଥିସହିତ କଲେଜ ପରିସରରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଥିଲା । ସହରର ତିନିମୁହାଣି ଛକରେ ସଫେଇ କରାଯିବା ସହ ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା । ଏହାପରେ ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ଅନ୍ତେବାସୀ ରୋଗୀମାନଙ୍କୁ ଏବଂ ଗରାପୁରସ୍ଥିତ ଅନାଥାଶ୍ରମରେ ଅସହାୟମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସୁସ୍ଥ ଓ ଦୀର୍ଘ ନିରାମୟ ଜୀବନ କାମନା କରାଯାଇ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଶେଷରେ ବିଧାୟକଙ୍କ ଡିଜିଟାଲ କାର୍ଯ୍ୟାଳୟରେ କେକ କଟାଯାଇ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସ ପାଳନ କରାଯାଇଥିଲା । ଜିଲ୍ଲା ବିଜୁ ଛାତ୍ର ଜନତାଦଳ ସଭାପତି ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହିସବୁ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଛାତ୍ର ବିଜେଡିର ଚିତ୍ତରଞ୍ଜନ ଦାସ, ସ୍ୱରୂପ ରାଉତରାୟ, ଦେବାଶିଷ ସ୍ୱାଇଁ, ବିରାଜ ସିଂ, ପ୍ରକାଶ ସାହୁ, ଅଭିଷେକ ସ୍ୱାଇଁ, ସତାବ୍ଦି ମହାନ୍ତି, ପ୍ରତାପ ସାହୁ, ମାନସ ସାହୁ, ପ୍ରିତମ ରାଉତ, ଶୁଭମ ସାହୁ, ମାନସରଞ୍ଜନ ପରିଡା, ଶୁଭମ ବେହୁରା, ମହେନ୍ଦ୍ର ମିଶ୍ର, ଦୁଷ୍ମନ୍ତ ମଳିକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜସ୍ୱଶୀ ଜୀବନ କାମନା କରି ସାମାଜିକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଭାବେ କରିବାକୁ ଶପଥ ନେଇଥିଲେ । ସେହିପରି ପଟ୍ଟାମୁଣ୍ଡାଇ ଠାରେ ମଧ ଛାତ୍ର ବିଜେଡି ପକ୍ଷରୁ ଡାକ୍ତରଖାନା ପରିସର ସଫେଇ କରାଯିବା ସହ ରୋଗୀଙ୍କୁ ଫଳ ବଣ୍ଟନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ପରିଡା, ନଗର ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ, ଜନ୍ମେଜୟ ସାହୁ, ସ୍ମୃତିରଞ୍ଜନ ପାଢୀ, ଟୁଇଙ୍କିଲ ପରିଡା, ଯାଜ୍ଞସେନୀ ରାଉତ, ଜ୍ୟୋତିର୍ମୟୀ ଦାସ, ଆକାଶ ସ୍ୱାଇଁ, ମାମୁନି ବଳବନ୍ତରାୟ, ଅନିରୁଦ୍ଧ ମଳିକ, ଅମରଜୀତ ସାମନ୍ତରାୟ, ଅଭିରାମ ବାରିକ, ମୃତ୍ୟୁଞ୍ଜୟ ମଳିକ, ପ୍ରିୟାଂଶୁ ଦାସ, ରାହୁଲ ପୁରୀ, ଜ୍ଞାନରଞ୍ଜନ ଜେନା, ମହମ୍ମଦ ପପୁ ପ୍ରମୁଖ ଯୋଗଦେଇ ଡାକ୍ତରଖାନାରେ ସଫେଇ କରିବା ସହ ରୋଗୀମାନଙ୍କୁ ଫଳ ବଣ୍ଟନ ଓ ବୃକ୍ଷରୋପଣ କରିଥିଲେ ।

# ମହାକାଳପଡା ବିକାଶ ମଞ୍ଚ ପକ୍ଷରୁ ପୂର୍ବତନ ସରପଞ୍ଚ ଉତ୍ତମ ଚରଣ ତରାଇଙ୍କ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମର ପୂର୍ବତନ ସରପଞ୍ଚ ଉତ୍ତମ ଚରଣ ତରାଇଙ୍କ ଏକାଦଶାହ ଅବସରରେ ମହାକାଳପଡା ବିକାଶ ମଞ୍ଚ ପକ୍ଷରୁ ତାଙ୍କ ବାସଭବନ ପରିସରରେ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ବେହେରାଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତ ତରାଇଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବିକାଶ ମଞ୍ଚର ପ୍ରତିଷ୍ଠାତା ସଭାପତି, ପରିବେଶବିତ୍ କାଶୀନାଥ ରାଉତରାୟ ପୂଜ୍ୟପୂଜା ପରମ୍ପରାକୁ ମହାକାଳପଡା ମାଟିରେ ଉଜ୍ଜିବିତ କରିବା ସହ ଆଗାମୀ ପିଢିକୁ ଅନୁପ୍ରାଣିତ କରାଇବା ଏହି ଶ୍ରଦ୍ଧାଞ୍ଜଳି ସଭାର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ସ୍ୱର୍ଗତ ତରାଇ ଜଣେ ସରଳ, ନିଷ୍କପଟ, ଦରଦୀ ମଣିଷ ଭାବେ ବିଜୟନଗର ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ପୂର୍ବକ ୪ଥର ସରପଞ୍ଚ ହୋଇ ଅନେକ ବିକାଶମୂଳକ କାର୍ଯ୍ୟକରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଏହି ଶୋକସଭାରେ ରାଜନଗର ବିଧାୟକ ଧୃବଚରଣ ସାହୁ,ବିଜୁ ଜନତା ଦଳର ବରିଷ୍ଠ ନେତା କୃତିବାସ ପାତ୍ର, କେନ୍ଦ୍ରାପଡାର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ବିଜୟ କୁମାର ପ୍ରଧାନ, ବିଷ୍ଣୁ ଚରଣ ଦାସ, ସନ୍ତୋଷ ପରିଡା, ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରବଣ କୁମାର ଜେନା, ମଞ୍ଚର ଆଇନଜୀବୀ ଅକ୍ଷୟ କୁମାର ନାଥ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରି ସ୍ୱର୍ଗତ ତରାଇ କେବଳ ବିଜୟନଗର ଗ୍ରାମପଞ୍ଚାୟତ ନୁହେଁ ମହାକାଳପଡା ବ୍ଲକର ଉନ୍ନତି ପାଇଁ ନିଜର ଚେଷ୍ଟା ଜାରି ରଖିଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ସ୍ମୃତି ସଭାରେ ସ୍ୱର୍ଗତ ତରାଇଙ୍କ ନୀତି ଆଦର୍ଶକୁ ଭିତ୍ତିକରି ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳାନିକେତନର ସମ୍ପାଦକ ବିମଳ ପ୍ରସାଦ ପରିଡା ଭାବପୂର୍ଣ୍ଣ ସଙ୍ଗୀତ ପରିବେଷଣ କରିଥିଲେ ।ଏହି ଅବସରରେ ମଞ୍ଚର ସଦସ୍ୟ ଧନେଶ୍ୱର ସେଠୀ, ନିରଞ୍ଜନ ଓଝା, ରାଜେଶ ମହାପାତ୍ର, ଟିଟୁ ଦାସ, ଶଙ୍କରର୍ଷଣ ସ୍ୱାଇଁ, କମଳାକାନ୍ତ ବାରିକ, ବୀରେନ୍ଦ୍ର ସାହୁ, ପବିତ୍ର ମାଇତି, ଜନ୍ମଞ୍ଜୟ ମଲ୍ଲିକ, ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ନିରୋଦ ନଳିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶେଷରେ ମଞ୍ଚର ସମ୍ପାଦକ ବିଚିତ୍ରାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।




# ଆନନ୍ଦପୁର ମହାବିଦ୍ୟାଳୟରେ କ୍ଲଷ୍ଟର-ଲେବୁଲ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କ ତାଲିମ୍ ଶିବିର

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ମହାବିଦ୍ୟାଳୟରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କର ତାଲିମ୍ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଦିଲ୍ଲିପ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସମ୍ମାନୀତ ଅତିଥି ଭାବେ ପ୍ରଧାପକ କୃଷ୍ଣଚନ୍ଦ୍ର ମହାନ୍ତ, ଡଃ. ନାରାୟଣ ମିଶ୍ର, ଅଧାପକ ଅନନ୍ତ ଚରଣ ମହାନ୍ତି, ଅଧାପକ ରଘୁଦିପ୍ତୀ ନାୟକ, ପ୍ରଧାପକ ଶିବ ଚରଣ ବେହେରା, ଡ. କମଳିନୀ ପାଣିଗ୍ରାହୀ, ଉମାକାନ୍ତ ନାୟକ, ଗୀତାଳୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ରେଡକ୍ରସ ସମ୍ବନ୍ଧରେ ସ୍ୱେଚ୍ଛାସେବୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ପ୍ରାରମ୍ଭରେ ଯୁବ ରେଡକ୍ରସର ଉପଦେଷ୍ଟା ପ୍ରଫୁଲ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଡଃ. କମଳିନୀ ପାଣିଗ୍ରାହୀ ସଂଯୋଜନା କରିଥିଲେ । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରର ପ୍ରଥମ ଦିବସରେ ଅଧାପକ ନିହାର ରନ ସାମଲ ରେଡକ୍ରସର ଇତିହାସ ଏବଂ ଆନନ୍ଦପୁର ମେଡିକାଲର ଡଃ. ଉଦୟ ଭାସ୍କର ପଣ୍ଡା ସ୍ୱେଚ୍ଛାକୃତ ରକ୍ତଦାନ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଶିବିରରେ ଆନନ୍ଦପୁର ମହାବିଦ୍ୟାଳୟ ସମେତ କନକ ମରୀ ମହାବିଦ୍ୟାଳୟ, କୁଶଳେଶ୍ୱର ଆଂଚଳିକ ମହାବିଦ୍ୟାଳୟ, ବଳଭଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ଟୁଙ୍କୁଣା ପତିତପାବନ ମହାବିଦ୍ୟାଳୟ, ସାଇଁକୁଳ ଗ୍ରାମ୍ୟ ପଂଚାୟତ ଡିଗ୍ରୀ ମହାବିଦ୍ୟାଳୟ, ଶାଳବଣିର ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଓ କାଉନ୍‌ସେଲର ଯୋଗ ଦେଇଥିଲେ । ଅଧାପକ ମନୋରନ ପାଢୀ, ଚିନ୍ତାମଣି ବେହେରା, ଡଃ. ନିମାଇଁ ଚରଣ ରାଉତ ପ୍ରମୁଖ ତର୍କ ପ୍ରତିଯୋଗିତାର ବିଚାରକ ଭାବେ ଯୋଗ ଦେଇଥିବା ବେଳେ ପୁଷ୍ପଲତା ରାମ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅପରାହ୍ନରେ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ କର୍ମଚାରୀବୃନ୍ଦ ପରିଚାଳନା କରିଥିଲେ ।

# ତାଲୁକ୍ ଆଇନ ସେବା ସଚେତନତା ଶିବିର

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ତାଲୁକ ଆଇନ୍ ସେବା ସମିତି ଆନୁକୂଲ୍ୟରେ ଆଇନ୍ ସଚେତନତା ଶିବିର ବୁଧବାର ଦିନ ଆନନ୍ଦପୁର ବ୍ଲକ ଅଧିନ ବାଉଁଶଗଡ ପଂଚାୟତର ଜଙ୍ଗାର, ବାଉଁଶଗଡ ଓ ସଡଙ୍ଗୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଇନ୍ ସଚେତନତା ଶିବିରରେ ତାଲୁକ ଆଇନ୍ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ରନ କୁମାର ସୁତାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ସରକାରୀ ଯୋଜନାରେ ବଡ ଗରିବ ହିତାଧିକାରୀ ମାନଙ୍କ ପାଇଁ ରହିଥିବା ନିଃଶୁଳ୍କ ଆଇନ୍ ସେବା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଭତ୍ତା ପାଇବାରୁ ବଂଚିତ ହିତାଧିକାରୀ, ଆବାସ ଯୋଜନାରୁ ବଂଚିତ ତଥା ବିଭିନ୍ନ ମୌଳିକ ଅଧିକାର ପାଇବାରୁ ବଂଚିତ ଲୋକମାନେ ଆନନ୍ଦପୁର କୋର୍ଟ ମୁଖ୍ୟ ଫାଟକ ଠାରେ ଥିବା ଫ୍ରଣ୍ଟ ଅଫିସରଙ୍କ ସହାୟତା ନେଇ ନିଶୁଳ୍କ ଆଇନ୍ ସେବା ପାଇପାରିବେ କିମ୍ବା ତାଲୁକ ଆଇନ୍ ସେବା ସମିତିର ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କ ସହାୟତାରେ ନିଶୁଳ୍କ ଆଇନସେବା ଲୋଡିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ତାଲୁକ ଆଇନ୍ ସେବା ସମିତିର ସଦସ୍ୟ ତଥା ଆଇନଜୀବୀ ବାଇଧର ସେଠୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ତଥା ଚାଇଲ୍ଡଲାଇନ୍ ସଦସ୍ୟ ଭାଗିରଥି ଦାଶ ଉପସ୍ଥିତ ରହି ଅବହେଳିତ ଶିଶୁ ମାନଙ୍କୁ ନ୍ୟାୟ ପ୍ରଦାନରେ ରହିଥିବା ଆଇନ୍‌ର ବିଭିନ୍ନ ମାର୍ଗ ସମ୍ପର୍କରେ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ତ୍ରିନାଥ ଘଡେଇ, ସ୍ଥାନୀ ୟସରପଂଚ ଦୟାନିଧି ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ତାଲୁକ ଆଇନ୍ ସେବା ସମିତି କର୍ମଚାରୀ ଦେବାଶିଷ ବେହେରା ପରିଚାଳନା କରିଥିବା ବେଳେ ପାରା ଲିଗାଲ ସ୍ୱେଚ୍ଛାସେବୀ ଜ୍ୟୋତିରନ ଜେନା, ସନ୍ତୋଷ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ସାପ କାମୁଡାରେ ସଫଳ ଚାଷୀଙ୍କ ମୃତ୍ୟୁ

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ ଦରଡିପାଳ ପଂଚାୟତ ବାଲିପାଳରେ ଏକ ଦୁଖଦଃ ଘଟଣା ଘଟିଯାଇଛି । ବିଲକୁ ପରିବା ତୋଳିବାକୁ ଯାଉଥିବା ବେଳେ ଯୁବ ଚାଷୀ ଦାଶରଥୀ ରାଉଳଙ୍କ ପୁଅ ବୀରବର ରାଉଳ(୪୦)ଙ୍କୁ ଏକ ବିଷଧର ସାପ ଦଂଶନ କରିଥିଲା । ସଙ୍ଗେ ସଙ୍ଗେ ଘରକୁ ଆସି ପ୍ରଥମେ ଛଡାଫୁଙ୍କା କରି ସ୍ଥାନୀୟ କେଶଦୂରାପାଳ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ବୀରବର ଜଣେ ଯୁବ ସଫଳ ଚାଷୀ ଭାବେ ପରିଚିତ ଥିଲେ । ତାଙ୍କର ଅକାଳ ବିୟୋଗରେ ପୁଅ, ଝିଅ, ସ୍ତ୍ରୀ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ବଣୁଆ ହାତୀ ଉଜାଡିଲା ଫସଲ ଚାଷୀ ଚିନ୍ତାରେ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡପାରୀ ଗ୍ରାମରେ ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଚାଷ ଜମିରେ ଧାନ ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି । ଏ ନେଇ ଚାଷୀ ହତୀ ସମ୍ପର୍କରେ ଟାଙ୍ଗୀ ବନବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ ମଧ୍ୟ କେହି ଘଟଣା ସ୍ଥଳରେ ପହଂଚି ନଥିଲେ । ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୁଜବଳ,ସୁଦିପ୍ତ କୁମାର ପାଲଟାସିଂ,ଗୋବିନ୍ଦ ବିଶ୍ୱାଳ,ଦାମ ସାମନ୍ତରାୟ,ଜୟକୃଷ୍ଣ ବିଶ୍ୱାଳ,କୁମର ବାରିକ,ପଠାଣି ବରାଳ ଓ ଧୋବାଇ ଭୁଜବଳଙ୍କର ଧାନ ଫସଲ ନଷ୍ଟ ହୋଇଥିବାରୁ ତାଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଅଂଚଳର ଲୋକମାନେ ଦାବୀ କରିଛନ୍ତି ।

## ବାଘମାରୀରେ ସସ୍ମିତା ମେମୋରିଆଲ ହସପିଟାଲ ଉଦ୍‌ଘାଟିତ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ହଟ୍ଟକେଶ୍ୱର ମହିଳା ମହାବିଦ୍ୟାଳୟ ନିକଟରେ ସସ୍ମିତା ମେମୋରିଆଲ ହସପିଟାଲ ଉଦ୍ଘାଟିତ ହୋଇଯାଇଛି । ଏଥିରେ ଉନ୍ନତ ମାନର ଚିକିତ୍ସା ସହ ସ୍ଥାନୀୟ ଅଂଚଳର ଜନସାଧାରଣଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦିଆଯିବ ବୋଲି ରାଜ୍ୟ କିନ୍ନର ସଂଘର ସଭାପତି ମୀରା ପରିଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ ।

# ମହାକାଳପଡା ସିପିଆଇ(ଏମ)ର ଆଞ୍ଚଳିକ ସମ୍ମିଳନୀ

କେନ୍ଦ୍ରାପଡ଼ା : ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କସବାଦୀ) ମହାକାଳପଡା ଆଞ୍ଚଳିକ କମିଟିର ଚତୁର୍ଥ ସମ୍ମିଳନୀ ଗୁରୁବାର ଖରିନାସୀ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପାର୍ଟିର ପତାକା ଉତ୍ତୋଳନ କରିଥିଲେ ପାର୍ଟିର ବରିଷ୍ଠ ନେତା ପ୍ରଫୁଲ୍ଲ ମହାକୁଡ । ଦଖଲ ଜମିର ପଟ୍ଟା ପ୍ରଦାନ କରିବା, ସବୁ ଗାଁକୁ ପକ୍କା ରାସ୍ତା ଓ ପାଇପ ଯୋଗେ ପାନୀୟଜଳ ଯୋଗାଣ, ମନରେଗା ଯୋଜନାରେ ସମସ୍ତ ମୂଲିଆଙ୍କୁ ଦୁଇଶହ ଦିନର କାମ ଯୋଗାଇବା ସହିତ ଦୈନିକ ୬ଶହ ଟଙ୍କା ମଜୁରୀ ପ୍ରଦାନ କରିବା, ବର୍ଦ୍ଧିତ ବିଦ୍ୟୁତ ଭଡା ପ୍ରତ୍ୟାହାର କରିବା, ସବୁ ପଞ୍ଚାୟତରେ ଧାନମଣ୍ଡି ଖୋଲିବା, ଆୟକର ନିମ୍ନରେ ଥିବା ସମସ୍ତ ପରିବାରକୁ ମାସିକ ୭ହଜାର ୫ଶହ ଟଙ୍କା ପ୍ରଦାନ କରିବା ସହିତ ମୁଣ୍ଡପିଛା ୧୦କିଲୋ ଚାଉଳ କିମ୍ବା ଗହମ ଯୋଗାଇ ଦେବା, ୩ଟି କଳା କୃଷି ଆଇନ ଓ ବିଦ୍ୟୁତ ବିଲ-୨୦୨୦କୁ ବାତିଲ କରିବା ସହିତ କୃଷିଜାତ ପଦାର୍ଥର ସର୍ବନିମ୍ନ ମୂଲ୍ୟ ପାଇଁ ଆଇନ ଆଣିବା ଏବଂ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ବାତିଲ କରିବା ଦାବିରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ ଜିଲ୍ଲା ସମ୍ପାଦକ ଗୟାଧର ଧଳ । ସେ କହିଲେ ଲୋକମାନଙ୍କ ସମସ୍ୟାକୁ ଉର୍ଦ୍ଧ୍ୱରେ ତୋଳିଧରୁଛି ସିପିଆଇ(ଏମ) । ଜନସାଧାରଣଙ୍କ ଆଶା ଆକାଂକ୍ଷ୍ୟାକୁ ପୁରଣ ପାଇଁ ଦଳକୁ ଶକ୍ତିଶାଳି କରିବା ସହିତ ବ୍ୟାପକ ଗଣଆନ୍ଦୋଳନ ଗଢି ତୋଳିବାକୁ ପଡିବ । ଏହି ସମ୍ମିଳନୀ ଆସନ୍ତା ୩ବର୍ଷ ପାଇଁ ନରୋତ୍ତମ ପାର୍ଥସାରଥୀଙ୍କୁ ଆଞ୍ଚଳିକ କମିଟିର ସମ୍ପାଦକ ଭାବେ ନିର୍ବାଚିତ କରିଥିବା ବେଳେ ଅସିତ ମିର୍ଦ୍ଧା, ବାସୁଦେବ ପାଳ, ସରଳା ହାଉଳି, ଦୀପକ ମଣ୍ଡଳ ପ୍ରମୁଖଙ୍କୁ ନେଇ ଏକ ୫ଜଣିଆ କମିଟି ନିର୍ବାଚିତ ହୋଇଛି । ଶେଷରେ ପାର୍ଟିର ବରିଷ୍ଠ ନେତା ଜଗତଜୀବନ ଦାଶ ଉଜ୍ଜାପନୀ ବକ୍ତବ୍ୟ ରଖିଥିଲେ ।

# ୬୨ତମ ପୋଲିସ ସହିଦ ସ୍ମୃତି ଦିବସ ପାଳନ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ସଦର ମହକୁମା ଅନ୍ତର୍ଗତ ତରତୁଆ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ଠାରେ ଗୁରୁବାର ପୂର୍ବାହ୍ନରେ ୬୨ ତମ ପୋଲିସ ସହିଦ ସ୍ମୃତି ଦିବସ ପାଳ କରାଯାଇଛି । ଏହି ଉତ୍ସବରେ ଖୋର୍ଦ୍ଧା ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପରେଡ ଅଭିବାଦନ ପରେ ସହିଦ ପୋଲିସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ୧୯୫୮ ମସିହା ଅକ୍ଟୋବର ମାସ ୨୧ ତାରିଖରେ ସିଆଚେନ ସୀମାନ୍ତ ହଟସ୍ପ୍ରିଙ୍ଗ ଠାରେ ସିଆରପିଏଫ ପୋଲିସଟିମ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଚୀନସୀମା ପଟୁ ଅତର୍କିତ ଭାବରେ ଆକ୍ରମଣ କରାଯାଇଥିବାରୁ ଏଥିରେ ପୋଲିସ ଟିମ ସହିଦ ହୋଇଥିଲେ ।ପରେ ୧୯୫୯ ମସିହାରେ ଦିଲ୍ଲୀଠାରେ ବରିଷ୍ଠ ପୋଲିସ ଅଫିସରଙ୍କ ଏକ ସମ୍ମିଳନୀରେ ଅକ୍ଟୋବର ୨୧ ତାରିଖକୁ ସର୍ବ ସମ୍ମତିକ୍ରମେ ସହିଦ ଦିବସ ଭାବେ ପାଳନ କରାଯିବା ପାଇଁ ନିଷ୍ପତି ହୋଇଥିଲା । ୧୯୬୦ ମସିହାଠାରୁ ଯେଉଁ ଯବାନମାନେ କର୍ତବ୍ୟ ସମ୍ପାଦନ ସମୟରେ ଆତ୍ମବଳୀ ଦେଇଥାନ୍ତି,ସେମାନଙ୍କୁ ସହିଦ ରୂପେ ମାନ୍ୟତା ପାଇବା ସହ ସହ ସାରାଭାରତ ବର୍ଷରେ ପାଳନ କରାଯାଇଥାଏ । ସାମ୍ପ୍ରତିକ ସମୟରେ ମହାମାରୀ କରୋନା ସମୟରେ ପୋଲିସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିବା ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କର ଧନଜୀବନ ସୁରକ୍ଷା,ନକ୍ସଲ ମୁକାବିଲା, ଅପରାଧ ନିୟନ୍ତ୍ରଣ,ଶାନ୍ତିଶୃଙ୍ଖଳା ଓ ଭିଆଇପିଙ୍କୁ ସୁରକ୍ଷା ପ୍ରଦାନ କରିବା ପୋଲିସର ପ୍ରଧାନ କର୍ତବ୍ୟ ଅଟେ । ବର୍ତମାନ ସମୟରେ ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ,ଅତ୍ୟାଧୁନିକ ବିଭିନ୍ନ ଅସ୍ତ୍ରଶସ୍ତ୍ର ,ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ପାଇଁ ଆବଶ୍ୟକୀୟ ସରଞ୍ଜାମ ନଥିଲେ ମଧ୍ୟ ସାହାସର ସହ ମୁକାବିଲା କରି ସଫଳତା ହାସଲ କରିଛନ୍ତି ବୋଲି ଆରକ୍ଷୀ ଅଧିକ୍ଷକ ତାଙ୍କ ବାର୍ତାରେ କହିଛନ୍ତି ।

# ସ୍ୱାଧୀନ ଭାରତରେ ସଂସ୍କୃତିସମ୍ପନ୍ନ ରାଜ୍ୟ ଓଡିଶାର ୧୪ ଜଣ ମୁଖ୍ୟମନ୍ତ୍ରୀଙ୍କ ବିବରଣୀ ଓ ଇତିହାସ



ଉମା ଶଙ୍କର ପ୍ରସାଦ

ସ୍ୱାଧୀନ ଭାରତର ଐତିହ୍ୟପୂର୍ଣ୍ଣ ରାଜ୍ୟ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଯଦିଓ ନବକୃଷ୍ଣ ଚୌଧୁରୀଙ୍କୁ କୁହାଯାଏ ମାତ୍ର ପ୍ରକୃତ ପକ୍ଷେ ଡଃ ହରେକୃଷ୍ଣ ମହତାବ ହେଉଛନ୍ତି ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଯେ କି ବିଧାୟକ ନଥାଇ ସୁଧା ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇଥିଲେ। ଭାରତର ସମ୍ବିଧାନ ଅନୁସାରେ ୧୯୫୦ ଜାନୁୟାରୀ ପହିଲାଠାରୁ ପ୍ରାଦେଶିକ ମନ୍ତ୍ରୀ ପରିଷଦର ମୁଖ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନାମିତ କରାଗଲା ମାତ୍ର ପୂର୍ବରୁ ଭାରତ ସରକାରଙ୍କଆଇନ ୧୯୩୫ ଅନୁସାରେ ପ୍ରାଦେଶିକ ମନ୍ତ୍ରୀ ପରିଷଦର ମୁଖ୍ୟମାନଙ୍କୁ ପ୍ରଧାନମନ୍ତ୍ରୀରୂପେ ଆଖ୍ୟାୟିତ କରାଯାଇଥିଲା। ଡଃ ମହତାବ ୧୯୪୬ ଏପ୍ରିଲ ୨୩ ରୁ ୧୯୫୪ ମେ ୧୨ ତାରିଖ ପର୍ଯ୍ୟନ୍ତ ଓଡିଶା ପ୍ରଦେଶ ମନ୍ତ୍ରୀ ପରିଷଦର ମୁଖ୍ୟଥିଲେ। ତେଣୁ୧୯୪୬ ଏପ୍ରିଲ ୨୩ ରୁ ୧୯୪୯ ଡିସେମ୍ବର ୩୧ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଓ ୧୯୫୦ ଜାନୁୟାରୀ ପହିଲାଠାରୁ ମେ ୧୨ ତାରିଖ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଓଡିଶା ବିଧାନସଭା ଲାଗି ୧୯୫୨ ରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ସେତେବେଳେ କ୍ଷମତାଶୀଳ ଦଳର ନେତୃତ୍ୱ ନେଇଥିବା ନବକୃଷ୍ଣ ଚୌଧୁରୀଙ୍କୁ ଓଡିଶାର ପ୍ରଥମ ନୁଖ୍ୟମନ୍ତ୍ରୀ ଭାବେ ଗଣନା କରାଯାଉଛି। ଓଡିଶାର ଅର୍ଦ୍ଧଶତାବ୍ଦୀର ଉର୍ଦ୍ଧ ଇତିହାସକୁ ଅନୁଧ୍ୟାନକଲେ ସ୍ୱାଧୀନତାର ୭୪ ବର୍ଷରେ ୧୪ ଜଣ ମହାନ ବିଭୂତି ୨୦ ଥର ଲାଗି ଓଡିଶାର ଶାସନଡୋରି ହାତକୁ ନେଇ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଡଃ ମହତାବ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଓଡିଶାର ବିଧାୟକ ବିହୀନ ମୁଖ୍ୟମନ୍ତ୍ରୀ। ୧୯୫୬ ମସିହାରେ ମୁଖ୍ୟମନ୍ତ୍ରୀ ହେବାବେଳେ ସେ ବିଧାନ ସଭାର ସଭ୍ୟ ନଥିଲେ। ଆଉ ୪ ଜଣ ପ୍ରଥମେ ମୁଖ୍ୟମନ୍ତ୍ରୀ ପଦବୀ ଅଳଙ୍କୃତ କରିବାପରେ ଉପନିର୍ବାଚନ ମାଧ୍ୟମରେ ଯେଉଁମାନେ ବିଧାନସଭାର ସଭ୍ୟପଦ ହାସଲ କରିଛନ୍ତି ସେମାନେ ହେଲେ ବିଶ୍ୱନାଥ ଦାସ, ନନ୍ଦିନୀ ଶତପଥୀ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ଜାନକୀବଲ୍ଲଭ ପଟ୍ଟନାୟକ ଓ ଗିରିଧର ଗମାଙ୍ଗ। ମାତ୍ର ସେମାନଙ୍କ ମଧ୍ୟରୁ ଜାନକୀବଲ୍ଲଭ ପଟ୍ଟନାୟକ ତାଙ୍କର ତିନିଥର ମୁଖ୍ୟମନ୍ତ୍ରୀତ୍ୱ କାଳରୁ ଦୁଇଥର ଉପନିର୍ବାଚନ ଜରିଆରେ ବିଧାନସଭା ସଦସ୍ୟପଦ ଅକ୍ତିଆର କରିବାରେ ସକ୍ଷମ ହୋଇଥିଲେ ଏବଂ ନନ୍ଦିନୀ ଶତପଥୀ ମଧ ତାଙ୍କର ଦୁଇଥର ମୁଖ୍ୟମନ୍ତ୍ରୀତ୍ୱ ମଧ୍ୟରୁ ଥରେ ଉପନିର୍ବାଚନର ସମ୍ମୁଖୀନ ହୋଇଥିଲେ। ଏତଦ୍ ବ୍ୟତିତ ଯେଉଁମାନେ ସାଧାରଣ ନିର୍ବାଚନରେ ଜିତି ମୁଖ୍ୟମନ୍ତ୍ରୀ ଆସନ ଅକ୍ତିଆର କରିଥିଲେ ସେମାନେ ହେଲେ ନବକୃଷ୍ଣ ଚୌଧୁରୀ, ଡଃ ହରେକୃଷ୍ଣ ମହତାବ, ବିଜୟାନନ୍ଦ ପଟ୍ଟନାୟକ, ବିରେନ୍ ମିତ୍ର, ସଦାଶିବ ତ୍ରିପାଠୀ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ବିନାୟକ ଆଚାର୍ଯ୍ୟ, ହେମାନନ୍ଦ ବିଶ୍ୱାଳ ଓ ବର୍ତ୍ତମାନର ଶାସନାରୁଢ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଗତ ୭୪ ବର୍ଷ ଭିତରେ ୧୦ ଜଣ କଂଗ୍ରେସ ମୁଖ୍ୟମନ୍ତ୍ରୀ ଓଡିଶାରେ ପ୍ରାୟ ୩୫ ବର୍ଷଧରି ଶାସନ କରିଥିଲା ବେଳେ ଆଉ ୫ ଜଣ ଅଣକଂଗେସ ମୁଖ୍ୟମନ୍ତ୍ରୀ ୩୯ ବର୍ଷଧରି ରାଜ୍ୟ ପ୍ରଶାସନର କର୍ଣ୍ଣଧାର ଭାବରେ ଶାସନ ଡୋରିକୁ ଧରିଛନ୍ତି। ସେତେବେଳେ ଯେଉଁ ୧୦ ଜଣ କଂଗ୍ରେସ ଦଳରୁ ମୁଖ୍ୟମନ୍ତ୍ରୀପଦ ଅଳଙ୍କୃତ କରିଥିଲେ ସେମାନେ ଥିଲେ ନବକୃଷ୍ଣ ଚୌଧୁରୀ, ଡଃ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ବିରେନମିତ୍ର, ସଦାଶିବ ତ୍ରିପାଠୀ, ନନ୍ଦିନୀ ଶତପଥୀ, ବିନାୟକ ଆଚାର୍ଯ୍ୟ, ଜାନକୀ ବଲ୍ଲଭ ପଟ୍ଟନାୟକ, ହାମାନନ୍ଦ ବିଶ୍ୱାଳ ଓ ଗିରିଧର ଗମାଙ୍ଗ। ଆଉ ଯେଉଁ ୫ ଜଣ ଅଣକଂଗ୍ରେସ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ସେମାନେ ହେଲେ ରାଜେନ୍ଦ୍ର ନାରାୟଣ ସିଂହଦେଓ, ବିଶ୍ୱନାଥ ଦାସ, ନୀଳମଣି ରାଉତରାୟ, ବିଜୁ ପଟ୍ଟନାୟକ ଓ ବର୍ତ୍ତମାନର ୨୧ ବର୍ଷ ଧରି ଶାସନାରୁଢ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ଏମାନଙ୍କ ମଧ୍ୟରୁ ଜନତା ଦଳ ଗଢି ବିଜୁପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦ ହାସଲ କରିଥିବା ବେଳେ ତାଙ୍କର ସ୍ୱର୍ଗାରୋହଣ ପରେ ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ନିଜର ପିତାଙ୍କ ନାମରେ ବିଜୁ ଜନତା ଦଳ ଗଢି ଚାରିଥର ମୁଖ୍ୟମନ୍ତ୍ରୀ ପଦ ହାସଲ କରିବାରେ ସକ୍ଷମ ହୋଇଛନ୍ତ । ତାଙ୍କର ଲୋକାଭୀମୁଖୀ କାର୍ଯ୍ୟଧାରା ଆଜିର ଜନମାନସରେ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଯଦିଓ ଭଲଭାବେ ଓଡିଆ କହିନପାରିଲେ ମଧ ଓଡିଆ ଭଲଭାବେ କହିପାରୁଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ସମଗ୍ର ଓଡିଆଜାତିକୁ ଭଲପାଉଥିବା ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ଶାସନକାଳରେ ଓଡିଆଭାଷା ଶାସ୍ତ୍ରୀୟ ମାନ୍ୟତାପାଇବା ସମଗ୍ର ଓଡିଆଜାତି ପାଇଁ ଗର୍ବ ଓ ଗୌରବର ବିଷୟ। ଓଡିଶାର ଭାଗ୍ୟଡୋରିକୁ ଏହି ୧୪ ଜଣ ବିଭୁତିଙ୍କ ମଧ୍ୟରୁ ଦୁଇଜଣ ସର୍ବାଧିକ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ୪ ଜଣ ଦୁଇଥର ପାଇଁ ଏବଁ ଅବଶିଷ୍ଟ ୯ ଜଣ ଥରେ ଲେଖାଏଁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଛନ୍ତି। ସେହିପରି ଏହି ୧୪ ଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ଜଣେ ବଙ୍ଗୀୟ ଥିଲାବେଳେ ଦୁଇଜଣ ଆଦିବାସୀ ସମ୍ପ୍ରଦାୟର ଓ ଜଣେ ମହିଳା ଭାବରେ ଏହି ପଦ ମଣ୍ଡନ କରିଛନ୍ତି। ଜାନକୀ ବଲ୍ଲଭ ପଟ୍ଟନାୟକ ୩ ଥର ଓ ନବୀନ ପଟ୍ଟନାୟକ ୪ ଥର ଲାଗି ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଡଃ ହରେକୃଷ୍ଣ ମହତାବ , ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥୀ ଓ ହେମାନନ୍ଦ ବିଶ୍ୱାଳ ମୋଟ ୪ ଜଣ ଦୁଇଥର ଲେଖାଏଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଥରେ ଲେଖାଏଁ ମୁଖ୍ୟମନ୍ତ୍ରୀ ହୋଇଥିବା ବ୍ୟକ୍ତିବିଶେଷ ହେଉଛନ୍ତି ନବକୃଷ୍ଣ ଚୌଧୁରୀ, ବିରେନମିତ୍ର, ସଦାଶିବ ତ୍ରପାଠୀ, ରାଜେନ୍ଦ୍ର ନାରାୟଣ ସଂହଦେଓ, ବିଶ୍ୱନାଥ ଦାସ, ବିନାୟକ ଆଚାର୍ଯ୍ୟ, ନୀଳମଣି ରାଉତରାୟ, ଡଃ ଗିରିଧର ଗମାଙ୍ଗ। ବିରେନ୍ ମିତ୍ର ବଙ୍ଗୀୟ ମୁଖ୍ୟମନ୍ତ୍ରୀ ଥିବାବେଳେ, ଆଦିବାସୀ ସମ୍ପ୍ରଦାୟର ମୁଖ୍ୟମନ୍ତ୍ରୀ ଥିଲେ ଡଃ ଗିରିଧର ଗମାଙ୍ଗ ଓ ହେମାନନ୍ଦ ବିଶ୍ୱାଳ। କେନ୍ଦ୍ରରେ ମନ୍ତ୍ରୀ ହେବାପରେ ଯେଉଁମାନେ ଓଡିଶାରେ ମୁଖ୍ୟମନ୍ତ୍ରୀ ଆସନ ମଣ୍ଡନ କରିଥିଲେ ସେମାନେ ହେଲେ ଡଃ ହରେକୃଷ୍ଣ ମହତାବ,ନନ୍ଦିନୀ ଶତପଥୀ, ଜାନକୀବଲ୍ଲଭ ପଟ୍ଟନାୟକ ଓ ଡଃ ଗିରିଧର ଗମାଙ୍ଗ ଯେଉଁମାନେ କଂଗ୍ରେସରେ ଥିଲେ ଏବଂ ଅଣକଂଗ୍ରେସ ଭାବରେ ମୁଖ୍ୟମନ୍ତ୍ରୀ ଥିଲେ ନବୀନ ପଟ୍ଟନାୟକ। ନବୀନ ପଟ୍ଟନାୟକ ଏକମାତ୍ର ସଫଳ ବ୍ୟକ୍ତିତ୍ୱ ଯେକି ନିଜ ରାହନୈତିକ ଜୀବନ ସୋପାନର ଅୟାରମ୍ଭରୁ ମୁଖ୍ୟମନ୍ତ୍ରୀ ପଦରେ ଅଦ୍ୟାବଧି ଅଛନ୍ତି।ସ୍ୱାଧୀନତା ପରଠାରୁ ଅଦ୍ୟାବଧି ୪ ଜଣ ମୁଖ୍ୟମନ୍ତ୍ରୀ ଯେଉଁମାନେ ହେଲେ ନବକୃଷ୍ଣ ଚୌଧୁରୀ, ଡଃ ହରେକୃଷ୍ଣ ମହତାବ, ନନ୍ଦିନୀ ଶତପଥୀ,ଓ ବିନାୟକ ଆଚାର୍ଯ୍ୟ। ଯେଉଁମାନେ ସଂଖ୍ୟାଲଘୁ ସରକାରର ନେତୃତ୍ୱ ନେଇଥିବା ବେଳେ ଡଃ ହରେକୃଷ୍ଣ ମହତାବ, ରଜେନ୍ଦ୍ର ନାରାୟଣ ସିଂହଦେଓ, ବିଶ୍ୱନାଥ ଦାସ, ନବୀନ ପଟ୍ଟନାୟକ ସମୁଦାୟ ୪ ଜଣ ମିଳିତ ମନ୍ତ୍ରୀ ମଣ୍ଡଳରେ ଅଧକ୍ଷତା କରିଛନ୍ତି। ଡଃ ହରେକୃଷ୍ଣ ମହତାବ ଉଭୟେ ସଂଖ୍ୟାଲଘୁ ଓ ମିଳିତ ମନ୍ତ୍ରୀମଣ୍ଡଳର ନେତୃତ୍ୱ ନେଇଥିବା ବେଳେ ନନ୍ଦିନୀ ଶତପଥୀ ଉଭୟେ ସଂଖ୍ୟାଲଘୁ ଓ ସଂଖ୍ୟା ଗରିଷ୍ଠ ମନ୍ତ୍ରୀ ମଣ୍ଡଳର ଅଧକ୍ଷତା କରିଛନ୍ତି। କିନ୍ତୁ ଯେଉଁ ମୁଖ୍ୟମନ୍ତ୍ରୀ ମାନେ କେବଳ ଏକକ ସଂଖ୍ୟା ଗରିଷ୍ଠ ମନ୍ତ୍ରୀ ମଣ୍ଡଳର ସ୍ୱାଦ ଚାଖିଛନ୍ତି ସେମାନେ ହେଲେ ବିଜୁ ପଟ୍ଟନାୟକ, ବିରେନ ମିତ୍ର, ସଦାଶିବ ତ୍ରିପାଠୀ, ନୀଳମଣି ରାଉତରୟ, ଜାନକୀବଲ୍ଲଭ ପଟ୍ଟନାୟକ, ହେମାନନ୍ଦ ବିଶ୍ୱାଳ, ଓ ଗିରିଧର ଗମାଙ୍ଗ। ମାତ୍ର ବିଶ୍ୱନାଥ ଦାସ ହେଉଛନ୍ତି ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏକି ସ୍ୱାଧୀନ ପ୍ରାର୍ଥୀ ଭାବେ ଉପନିର୍ବାଚନ ଲଢି ବିଧାନସଭାକୁ ପ୍ରତିନିଧିତ୍ୱ କରିପାରିଛନ୍ତି। ବିନାୟକ ଆଚାର୍ଯ୍ୟ ସର୍ବନିମ୍ନ ୪ ମାସ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଜାନକୀବଲ୍ଲଭ ପଟ୍ଟନାୟକ ସାଢେ ୧୨ ବର୍ଷ ଧରି ମୁଖ୍ୟମନ୍ତ୍ରୀ ପଦରେ ଥିଲେ। ହେମାନନ୍ଦ ବିଶ୍ୱାଳ ଦୁଇଥର ୩ ମାସ କରି ମୁଖ୍ୟମନ୍ତ୍ରୀ ଆସନ ଅକ୍ତିଆର କରିଥିଲେ। ତେବେ ଏକବର୍ଷ ପୁରଣ କରି ପାରିନଥିବା ମୁଖ୍ୟମନ୍ତ୍ରୀ ତାଲିକାରେ ବିନାୟକ ଆଚାର୍ଯ୍ୟ-୪ମାସ, ହେମାନନ୍ଦ ବିଶ୍ୱାଳ ୬ ମାସ, ଗିରିଧର ଗମାଙ୍ଗ ୧୦ ମାସ, ବିଶ୍ୱନାଥ ଦାସ ୧ ବର୍ଷ ୨ ମାସ। ତିନି ବର୍ଷରୁ କମ୍ ସମୟ ପାଇଁ ରାଜ୍ୟ ପ୍ରଶାସନ ରେ ଥିବା ମୁଖ୍ୟମନ୍ତ୍ରୀ ମାନେ ହେଲେ ନୀଳମଣି ରାଉତରାୟ ୨ବର୍ଷ ସାତମାସ. ସଦାଶିବ ତ୍ରପାଠୀ୨ ବର୍ଷ, ନବୀନ ପଟ୍ଟନାୟକ ୩ ବର୍ଷ। ତିନିବର୍ଷରୁ ଉର୍ଦ୍ଧ୍ୱ ଓ ୪ ବର୍ଷରୁ କମ ଶାସନଭାରରେ ଥିବା ମୁଖ୍ୟମନ୍ତ୍ରୀ ମାନେ ହେଲେ ରାଜେନ୍ଦ୍ର ନାରାୟଣ ସିଂହଦେଓ (୩ ବର୍ଷ ୧୦ ମାସ), ନନ୍ଦିନୀ ଶତପଥୀ ( ୩ ବର୍ଷ ୬ ମାସ)। ଉପ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିବା ୪ ଜଣ ବ୍ୟକ୍ତି ହେଲେ ପବିତ୍ର ମୋହନ ପ୍ରଧାନ, ନୀଳମଣି ରାଉତରାୟ, ହେମାନନ୍ଦ ବିଶ୍ୱାଳ ଓ ବସନ୍ତ ବିଶ୍ୱାଳ। ପବିତ୍ର ମୋହନ ପ୍ରଧାନ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଅଣକଂଗ୍ରେସ( ସ୍ୱତନ୍ତ୍ର ଜନକଂଗ୍ରେସ) ମିଳିତ ମନ୍ତ୍ରୀ ମଣ୍ଡଳରେ ଉପାଧ୍ୟକ୍ଷତା କରିବା ସହ ରାଜ୍ୟର ପ୍ରଥମ ଉପମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଓଡିଶାର ୧୪ ଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣ ଅନାସ୍ଥା ପ୍ରସ୍ତାବ ଭଳି ପରିସ୍ଥିତିର ସାମନା କରିଥିବା ବେଳେ ଅବଶିଷ୍ଟ ଯେଉଁ ୭ ଜଣ ଭାଗ୍ୟବାନ ମୁଖ୍ୟମନ୍ତ୍ରୀ ସେଥିରୁ ବର୍ତ୍ତି ଯାଇଥିଲେ ସେମାନେ ହେଲେ ଡଃ ହରେକୃଷ୍ଣ ମହତାବ, ସଦାଶିବ ତ୍ରିପାଠୀ, ବିଶ୍ୱନାଥଦାସ, ନନ୍ଦିନୀ ଶତପଥୀ, ବିନାୟକ ଆଚାର୍ଯ୍ୟ, ହେମାନନ୍ଦ ବିଶ୍ୱାଳ ଓ ଡଃ ଗିରିଧର ଗମାଙ୍ଗ। ରାଜ୍ୟର ୧୪ ଜଣ ମୁଖ୍ୟମନ୍ତ୍ରୀଙ୍କ ଭିତରୁ ସାତଜଣ ଙ୍କ ସମ୍ପର୍କୀୟ (ସନ୍ତାନ/ସହକର୍ମୀ) ରାଜନୀତି ସହିତ ଓତଃପ୍ରୋତ ଭାବେ ଜଡିତ ଥିବାବେଳେ ୫ ଜଣ ମୁଖ୍ୟମନ୍ତ୍ରୀ ଙ୍କ ସମ୍ପର୍କୀୟ ସକ୍ରୀୟ ରାଜନୀତିରେ ଜଡିତ ଅଛନ୍ତି। ସ୍ୱର୍ଗତ ବିଜୁ ପଟ୍ଟନାୟକ ଙ୍କ ପୁଅ ନବୀନ ପଟ୍ଟନାୟକ ଅଧୁନା ରାଜ୍ୟର ମୁଖ୍ୟମନ୍ତ୍ରୀ, ହରେକୃଷ୍ଣ ମହତାବଙ୍କ ପୁତ୍ର ଭର୍ତ୍ତୃହରି ମହତାବ ଲୋକସଭା ସାଂସଦ, ନୀଳମଣି ରାଉତାୟଙ୍କ ପୁଅ ବିଜୟଶ୍ରୀ ରାଉତରାୟ ପ୍ରାକ୍ତନ ମନ୍ତ୍ରୀ, ରାଜେନ୍ଦ୍ର ନାରାୟଣ ସଂହଦେଓ ଙ୍କପୁତ୍ର ନାତି କନକବର୍ଦ୍ଧନ ସିଂହଦେଓ, ଅନଙ୍ଗ ଉଦୟ ସଂହଦେଓ, ନାତୁଣୀ ସଙ୍ଗିତା ସଂହଦେଓ , ଜାନକୀବଲ୍ଲଭ ପଟ୍ଟନାୟକ ଙ୍କ ସହଧର୍ମୀଣୀ ଜୟନ୍ତୀ ପଟ୍ଟନାୟକ ପ୍ରାକ୍ତନ ସାଂସଦ ଓ ଜାମାତା ସୌମ୍ୟରନ ପଟ୍ଟନାୟକ ବି ଜେ ଡି ବିଧାୟକ, ନନ୍ଦିନୀ ଶତପଥୀ ଙ୍କ ପୁଅ ତଥାଗତ ଶତପଥୀ ପ୍ରାକ୍ତନ ବି ଜେ ଡି ସାଂସଦ। ୧୪ ଜଣ ମୁଖ୍ୟମନ୍ତ୍ରୀ ଙ୍କ ମଧ୍ୟରୁ ଜାନକୀବଲ୍ଲଭ ପଟ୍ଟନାୟକ ସର୍ବାଧିକ ୨୨ଟି ଉପନିର୍ବାଚନସାମ୍ନା କରିଥିବା ବେଳେ ବିରେନ ମିତ୍ର, ସଦାଶିବ ତ୍ରୀପାଠୀ, ଗିରିଧର ଗମାଙ୍ଗ ସର୍ବନିମ୍ନ ଗୋଟିଏ ଲେଖାଏ ଉପନିର୍ବାଚନ ର ମୁକାବିଲା କରିଚନ୍ତି। ନବକୃଷ୍ଣ ଚୌଧୁରୀ ଓ ବିଜୁ ପଟ୍ଟନାୟକ ୧୧ଟି ଲଖାଏ ଉପନିର୍ବାଚନର ସମ୍ମୁଖୀନ ହୋଇଥିବା ବେଳେ, ଡଃ ହରେକୃଷ୍ଣ ମହତାବ, ରାଜେନ୍ଦ୍ର ନାରାୟଣ ସଂହଦେଓ, ନନ୍ଦିନୀ ଶତପଥୀ ୨ଟି ବିଧାନସଭା ଉପନିର୍ବାଚନ ମୁକାବିଲା କରିଥିବା ବେଳେ ନବୀନ ପଟ୍ଟନାୟକ ବର୍ତ୍ତମାନ ସୁଦ୍ଧା ୭ ଟି ଉପନିର୍ବାଚନର ମୁକାବିଲା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ୧୪ ଜଣ ବ୍ୟକ୍ତି ୧୨ଟି ଜିଲ୍ଲା ଅନ୍ତର୍ଗତ ୧୬ ଟି ବିଧାନସଭା ମଣ୍ଡଳିରୁ ବିଧାନ ସଭାକୁ ପ୍ରତିନିଧିତ୍ୱ କରିଛନ୍ତୀ। ଏହି ୧୨ଟି ଜିଲା ମଧ୍ୟରେ ରିହିଛି ଭଦ୍ରକ, ଯାଜପୁର, ବାଲେଶ୍ୱର, କଟକ, ନବରଙ୍ଗପୁର, ବଲାଙ୍ଗିର, ସୁନ୍ଦରଗଡ, ଢେଙ୍କାନାଳ, ଗଂଜାମ, ଝାରସୁଗୁଡା, ଖୋରଧା ଓ ରାୟଗଡା। କଟକ ଜିଲ୍ଲା ସର୍ବାଧିକ ୫ଥର ପାଇଁ ୪ ଜଣ ମୁଖ୍ୟମନ୍ତ୍ରୀ ଯଥା ବିଜୁପଟ୍ଟନାୟକ, ବିରେନ୍ ମିତ୍ର, ନନ୍ଦିନୀ ଶତପଥୀ ଓ ଜାନକୀବଲ୍ଲବ ପଟ୍ଟନାୟକ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିବା ବେଳେ, ଗଂଜାମ, ଝାରସୁଗୁଡା,ଓ ଖୋର୍ଦ୍ଧା ମୋଟ ୩ଟି ଦୁଇଥର ଲେଖାଏଁ ୫ ଜଣ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଯଥା ବିନାୟକ ଆଚାର୍ଯ୍ୟ, ବିଜୁପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ,ହେମାନନ୍ଦ ବିଶ୍ୱାଳ ଓ ନବୀନ ପଟ୍ଟନାୟକ ପ୍ରତିନିଧିତ୍ୱ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

ପ୍ରଥମ ବିଧାନସଭା:୧୯୫୨ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ( ଯାଜପୁର ଜିଲା) ୨ୟ ବିଧାନ ସଭା: ୧୯୫୭ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବ(ବାଲେଶ୍ୱର ଜିଲା), ତୃତୀୟ ବିଧାନସଭା:୧୯୬୧ ମୋଟ ତିନିଜଣ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକ, ବିରେନମିତ୍ର (କଟକ ଜିଲ୍ଲା)ସଦାଶୀବ ତ୍ରିପାଠୀ (ନବରଂଗ ପୁର ଜିଲା),୪ର୍ଥ ବିଧାନ ସଭା ୧୯୬୭-ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ( ବଲାଂଗିର), ୫ମ ବିଧାନସଭା:୧୯୭୧, ମୁଖ୍ୟମନ୍ତ୍ରୀ ଦ୍ୱୟ ବିଶ୍ୱନାଥ ଦାସ,( ସୁନ୍ଦରଗଡ ଜିଲା)ନନ୍ଦିନୀ ଶତପଥୀ କଟକ ଜିଲା, ଷଷ୍ଠ ବିଧାନସଭା ୧୯୭୪ ଦୁଇଜଣ ମୁଖ୍ୟମନ୍ତ୍ରୀ- ନନ୍ଦିନୀ ଶତପଥୀ(ଢେଙ୍କାନାଳଜିଲ୍ଲା), ବିନାୟକ ଆଚାର୍ଯ୍ୟ(କଟକ ଜିଲ୍ଲା), ସପ୍ତମ ବିଧାନ ସଭା୧୯୭୭-ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ,ଭଦ୍ରକ ଜିଲ୍ଲା, ଅଷ୍ଟମ ବିଧାନ ସଭା୧୯୮୦, ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, କଟକ ଜିଲ୍ଲା, ନବମ ବିଧାନ ସଭା ୧୯୮୫-ମୁଖ୍ୟମନ୍ତ୍ରୀ ଦ୍ୱୟ, ଜାନକୀବଲ୍ଲଭ ପଟ୍ଟନାୟକ,କଟକ ଜିଲ୍ଲା, ହେମାନନ୍ଦ ବିଶ୍ୱାଳ ଝାରସୁଗୁଡାଜିଲ୍ଲା, ଦଶମ ବିଧାନସଭା୧୯୯୦, ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକ( ଖୋରଧା ଜିଲ୍ଲା), ଏକାଦଶ ବିଧାନ ସଭା ୧୯୯୫ ୩ ଜଣ ମୁଖ୍ୟମନ୍ତ୍ରୀ, ଜାନକୀବଲ୍ଲବ ପଟ୍ଟନାୟକ-ଖୋର୍ଦ୍ଧା ଜିଲ୍ଲା, ଗିରିଧର ଗମାଙ୍ଗ ରାୟଗଡା ଜିଲ୍ଲା ହେମାନନ୍ଦ ବିଶ୍ୱାଳ ,ଝାରସୁଗୁଡା ଜିଲ୍ଲା ଏବଂ ଦ୍ୱାଦଶ ବିଧାନସଭା ୨୦୦୦ ରୁ ଅଦ୍ୟାବଧି଼ ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଂଜାମ ଜିଲ୍ଲାର ହିଂଜିଳିଆସନରୁ ବିଧାନସଭାକୁ ପ୍ରତିନିଧିତ୍ୱ କରୁଛନ୍ତି। ଯାହାଙ୍କର ସୁଶାସନ ସମଗ୍ର ଜନମାନସରେଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

ସ୍ତମ୍ଭକାର, ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

## ପଣ୍ଡୁଆ ପାଇକ ସାହି ଏବଂ ଲୁଣହାରରେ ଲକ୍ଷ୍ମୀପୂଜା ପାଳିତ

ଆନନ୍ଦପୁର,(ପି.ଏନ):କୁମାର ପୂର୍ଣ୍ଣମୀ ଅବସରରେ ଗାଁଠୁ ସହର ସବୁଠି ଉତ୍ସବ ମୁଖର ହୋଇ ଉଠୁଥିବା ବେଳେ ପୂଜା ପୂର୍ବରୁ ଘର ଲିପା ପୋଛା ସହ ସମସ୍ତ ଘର ଦ୍ୱାରକୁ ଲିପାପୋଛା ସହ ରଙ୍ଗବେରଙ୍ଗର ଆଲୋକ ମାଳାରେ ସଜେଇ ଦିଆଯାଇଛି । ଦୀର୍ଘ ବର୍ଷ ଧରି ଲୁଣହାର ଗ୍ରାମବାସୀ ଏହି ପୂଜାକୁ ଅତି ନିଷ୍ଠାର ସହ ।ପଳନ କରି ଆସୁଛନ୍ତି । ଘରେ ଘରେ ପିଠାପଣା ସହ ପରିବାର ସଦସ୍ୟ ନୂଆ ବସ୍ତ୍ର ପରିଧାନ କରି ନିଷ୍ଠାର ସହ ଆରଧନା କରୁଛନ୍ତି । ଗ୍ରାମର ଲକ୍ଷ୍ମୀ ମଣ୍ଡପରେ ମା'ଙ୍କ ପୂଜା ନୀତି ଯଥା ରୀତିନୀତି ଅନୁସାରେ ସମ୍ପନ୍ନ କରାଯାଉଛି । ପ୍ରତ୍ୟେହ ସନ୍ଧ୍ୟାରେ ମା'ଙ୍କ ପୂଜା ମଣ୍ଡପ ନିକଟରେ ନାମ ସଙ୍କୀର୍ତ୍ତନ ସହ ଭଜନ ପରିବେଷଣ କରାଯାଉଛି । ଗ୍ରାମବାସୀ ମିଳିତ ଭାବେ ଏକତ୍ରିତ ହୋଇ ମଣ୍ଡପ ନିକଟରେ ପ୍ରସାଦ ସେବନ କରୁଥିବା ବେଳେ ଏହି ପରମ୍ପରା ବର୍ଷ ବର୍ଷ ଧରି ଭାଇଚାରା ଭାବ ସୃଷ୍ଟି କରି ଆସିଛି । ସେହିପରି ପଣ୍ଡୁଆର ପାଇକସାହି ବାସିନ୍ଦାଙ୍କ ତରଫରୁ ତୃତୀୟ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଅଛି ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ- ୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଲାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍ୟାକେଡ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।




Bhubaneswar Friday October 22, 2021 ଭୁବନେଶ୍ୱର ଶୁକ୍ରବାର, ଅକ୍ଟୋବର ୨୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବେଦାନ୍ତ ଝାରସୁଗୁଡ଼ା କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର-୨୦୨୦ ହାସଲ କଲା

ଭୁବନେଶ୍ୱର,(ପି.ଏନ): ଆଲୁମିନିୟମ ତଥା ମୂଲ୍ୟଯୁକ୍ତ ଉତ୍ପାଦର ଭାରତର ବୃହତମ ଉତ୍ପାଦକ ବେଦାନ୍ତ ଆଲୁମିନିୟମକୁ ୨୦୨୦ ମସିହାରେ ଆଦର୍ଶ ପରିବେଶ ପ୍ରଦର୍ଶନ ପାଇଁ ପରିବେଶ ଉତ୍କର୍ଷତା ପୁରସ୍କାର-୨୦୨୦ ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ପରିବେଶ ସ୍ଥିରତା କ୍ଷେତ୍ରରେ ସର୍ବୋତମ ପ୍ରଣାଳୀ ଗ୍ରହଣକୁ ସ୍ୱୀକୃତି ଦେଇଥାଏ। ଶିଳ୍ପ ସଂସ୍ଥାଗୁଡ଼ିକ ଦ୍ୱାରା ଗ୍ରହଣ ହେଉଥିବା ଜଳ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି ସଂରକ୍ଷଣ, ନିୟାମକ ଅନୁପାଳନ, ପରିବେଶ ଶ୍ରେଷ୍ଠ ପ୍ରଣାଳୀ ଆଦି ମାନଦଣ୍ଡ ଆଧାରରେ ମୂଲ୍ୟାଙ୍କନ କରାଯାଇ ଏହା ସମ୍ପନ୍ନ ହୋଇଛି। ପୁରସ୍କାର ଗ୍ରହଣ କରି ବେଦାନ୍ତ ଲି. ଝାରସୁଗୁଡ଼ାର ଡେପୁଟି ସିଇଓ ଦୀପକ ପ୍ରସାଦ କହିଲେ, ଭବିଷ୍ୟତର ସବୁଜ ଧାତୁ ଆଲୁମିନିୟମ୍ ପାଇଁ ଝାରସୁଗୁଡ଼ାରେ ଥିବା ବିଶ୍ୱର ବୃହତ ଆଲୁମିନିୟମ୍ ସ୍ମେଲଟର ଆମର ବ୍ୟବସାୟିକ ଆବଶ୍ୟକତା ବେଷ୍ଟଟେକ୍ନୋଲୋଜି ଗ୍ରହଣ, ପ୍ରକ୍ରିୟା ଦକ୍ଷତା ଏବଂ ସମ୍ବଳ ଉପଯୋଗର ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା ସହିତ ଏକ ସ୍ଥାୟୀ ସକରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ବୃତିଗତ ଅର୍ଥନୈତିକ ମୂଲ୍ୟବୋଧ ଆଧାରରେ ଯୋଜନାବଦ୍ଧ ଭାବେ ପ୍ରତିଶ୍ରୁତିବଦ୍ଧତା ପୂରଣ କରିବା ଲକ୍ଷ୍ୟ ନେଇ ଅଗ୍ରସର ହେଉଛି। ପ୍ରକୃତି ସମ୍ପଦର ସୁବିନିଯୋଗ ଏବଂ ପରିବେଶ ଉପରେ ସୁପ୍ରଭାବ ପକାଇବା ଧାରା ବଜାଇ ରଖିବା ପ୍ରୟାସ ପାଇଁ କଳିଙ୍ଗ ପରିବେଶ ଉତ୍କର୍ଷତା ପୁରସ୍କାର ଆମେ ହାସଲ କରି ପାରିଛୁ।ପରିବେଶ ପରିଚାଳନାରେ ବେଦାନ୍ତ ଝାରସୁଗୁଡାର ଆଭିମୁଖ୍ୟରେ ଶ୍ରେଷ୍ଠ ଶ୍ରେଣୀର ପ୍ରଯୁକ୍ତିବିଦ୍ୟା ଏବଂ




ସ୍ଥିରତା-କେନ୍ଦ୍ରିତ ଅପରେଟିଂ ପ୍ରଣାଳୀ ଅନ୍ତର୍ଭୁକ୍ତ ହୋଇଛି। ଯେଉଁଥିରେ 'ଜିରୋ ହାର୍ମ, ଜିରୋ ୱେଷ୍ଟ ଏବଂ ଜିରୋ ଡିସଚାର୍ଜ୍' ଅନ୍ତର୍ଭୁକ୍ତ କରାଯାଇଛି। ଅତ୍ୟାଧୁନିକ ପ୍ରଦୂଷଣ ନିୟନ୍ତ୍ରଣ ଉପକରଣ, ଉପଯୋଗୀ ପ୍ରକ୍ରିୟା, ବିଶ୍ୱସ୍ତରୀୟ ମାନ୍ୟତା ପ୍ରାପ୍ତ ସର୍ବୋତମ ଶ୍ରେଷ୍ଠ ପ୍ରଣାଳୀ ଗ୍ରହଣ ଦ୍ୱାରା ବାୟୁ, ଜଳ, ଜମି ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଆଦି ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।

ବେଦାନ୍ତର ପରିବେଶ ଉପଯୋଗୀ କେତେକ କାର୍ଯ୍ୟକ୍ରମ ସମ୍ପର୍କରେ:

କାର୍ଯ୍ୟଦକ୍ଷତା ଏବଂ ଶକ୍ତି ଦକ୍ଷତା ବୃଦ୍ଧି ଏବଂ ଅପଚୟକୁ ହ୍ରାସ କରିବା ପାଇଁ ସ୍ମେଲଟର ଏବଂ ପାୱାର ପ୍ଲାଂଟରେ ଅତ୍ୟାଧୁନିକ ଜ୍ଞାନକକୌଶଳ ଏବଂ ଉନ୍ନତ ଡାଟା ଆନାଲିଟିକ୍ସର ବ୍ୟବସ୍ଥାର ନିୟୋଜନ କରାଯାଇଛି। ସବୁଜ ଧାତୁ ଆଲୁମିନିୟମ ଉତ୍ପାଦନ ପାଇଁ ୨୦୨୨ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ୩୫୪ ମିଲିୟନ ୟୁନିଟ ସବୁଜ ଶକ୍ତି କିଣାଯାଇଛି। ଯାହାକି ଭାରତରେ ସର୍ବାଧିକ। 'ବେଦାନ୍ତ କେୟାରସ-ଗ୍ରୀନ କଭର' ପଦକ୍ଷେପର ଅନ୍ତର୍ଗତ ଭାବରେ ୨୦୨୨ ଆର୍ଥିକ ବର୍ଷରେ ଇତିମଧ୍ୟରେ ୩.୩୨ ଲକ୍ଷ ଗଛ ରୋପଣ କରାଯାଇଛି। ବିଭିନ୍ନ ପ୍ରକ୍ରିୟାରେ ବ୍ୟବହାର ପାଇଁ ୨୦୨୧ ଆର୍ଥିକବର୍ଷରେ ୮୬ ଲକ୍ଷ ଲିଟର ୱାଟର ରିସାଇକ୍ଲିଡ ହୋଇଛି। ୨୦୧୨କୁ ବେସଲାଇନ ଭାବେ ଗ୍ରହଣ କରାଯାଇ ୨୦୨୧ରେ ଜିଏଚ୍‌ଜି ନିର୍ଗମନରେ ୧୮.୮ ପ୍ରତିଶତ ହ୍ରାସ ହୋଇଛି। ପ୍ରାୟ ୩୭୦୮୦୦ ଜିଜେ ଶକ୍ତି କେବଳ ୨୦୨୧ରେ ଶକ୍ତି ସଂରକ୍ଷଣ ପ୍ରକଳ୍ପ ମାଧ୍ୟମରେ ସଂରକ୍ଷିତ ହୋଇ ପାରିଛି। ବିଭିନ୍ନ କାର୍ଯ୍ୟରେ ୧୦୦ ପ୍ରତିଶତ ପାଉଁଶ ବ୍ୟବହାର କରାଯାଉଛି। ଏହାକୁ ସିମେଂଟ ଉତ୍ପାଦନ, ଇଟା ଉତ୍ପାଦନ ଏବଂ ଖଣି ଖନନର ଶୂନ୍ୟସ୍ଥାନର ବ୍ୟାକଫିଲିଂ ଇତ୍ୟାଦିରେ ବ୍ୟବହୃତ ହେଉଛି।

ବେଦାନ୍ତ ଭାରତର ବୃହତମ ସବୁଜ ଧାତୁ ଆଲୁମିନିୟମ ଉତ୍ପାଦନକାରୀ। ଏହାର ବିଶ୍ୱ ସ୍ତରୀୟ ୧.୬ ଏମ୍‌ଟିପିଏ ଆଲୁମିନିୟମ ସ୍ମେଲଟର ଏବଂ ୩୬୧୫ ମେଗାୱାଟ ତାପଜ ବିଦ୍ୟୁତ ଉତ୍ପାଦନ ସୁବିଧା ଓଡିଶାର ଝାରସୁଗୁଡାରେ ରହିଛି। ବିଶ୍ୱରେ ୧ ମିଲିୟନ ଟନ ଉତ୍ପାଦନ ଏବଂ ରପ୍ତାନି କ୍ଲବରେ ଥିବା ଏକମାତ୍ର ଭାରତୀୟ ସ୍ମେଲଟର ଭାବେ ବେଦାନ୍ତ ଝାରସୁଗୁଡା ଖ୍ୟାତି ହାସଲ କରିପାରିଛି। ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦନରେ ଏକ ଅଗ୍ରଣୀ କମ୍ପାନୀ ଭାବେ ଏହା କାର୍ଯ୍ୟ ଜାରି ରଖିଛି। ଏହାର ଅତ୍ୟାଧୁନିକ ସୁବିଧା, ଉପଯୁକ୍ତ ଇିନିୟରିଂ, ଆର୍ ଆଣ୍ଡ ଡି ଏବଂ ଇନୋଭେଶନ ଦକ୍ଷତା ସହିତ ବେଦାନ୍ତ ଝାରସୁଗୁଡା ଆଲୁମିନିୟମର ଉପଯୁକ୍ତ ଶ୍ରେଷ୍ଠ ପ୍ରୟୋଗ ମାଧ୍ୟମରେ ଏହାକୁ 'ଭବିଷ୍ୟତର ଧାତୁ' ଭାବେ ଦୀର୍ଘସ୍ଥାୟୀ ଏବଂ ସବୁଜ ଭବିଷ୍ୟତ ଦିଗରେ କାର୍ଯ୍ୟ ଜାରି ରଖିଛି।

## ଜିଲ୍ଲାର ୨ ଦେଶୀ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ

ବାଲେଶ୍ୱର,(ପି.ଏନ): ଆଜି ସ୍ଥାନୀୟ ସଦଭାବନା ସଭାଗୃହଠାରେ ଜିଲ୍ଲାର ୨ଟି ଦେଶୀ ମଦ ଦୋକାନ ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟା ମାଧ୍ୟମରେ ଲାଇସେନ୍ସ ପ୍ରଦାନ କାର୍ଯ୍ୟ ସମ୍ପାଦିତ ହୋଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ଅବକାରୀ ଅଧୀକ୍ଷକ ଶ୍ରୀ ଅଶୋକ କୁମାର ଶତପଥୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଜିଲ୍ଲାର ୧୦ଟି ଦେଶୀ ମଦ ଦୋକାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୨ଟି ମଦ ଦୋକାନ ପାଇଁ ଆବେଦନପତ୍ର ମିଳିଥିଲା । ଆବେଦକ ୧ଲକ୍ଷ ଟଙ୍କା ଜମା କରି ଏହି ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଲଟେରୀ ମାଧ୍ୟମରେ ଚୟନ କରାଯାଇ ଲାଇସେନ୍ସ ପ୍ରଦାନର ବ୍ୟବସ୍ଥା ରହିଥିଲେ ମଧ୍ୟ ଏହି ୨ଟି ଦେଶୀ ମଦ ଦୋକାନ ପାଇଁ ଏକକ ଆବେଦକ ଥିବାରୁ ଲଟେରୀ ଉଠାଣର ଆବଶ୍ୟକ ପଡି ନ ଥିଲା। ଆବେଦକଙ୍କ ନାମ ପଡି ଓ ଡକ୍ୟୁମେଂଟ ଯାଂଚ କରି ତାଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା।

# କନ୍ଧମାଳରେ ଜିଲ୍ଲା ସ୍ତରୀୟ ୬୨ ତମ ପୋଲିସ ସହୀଦ ସ୍ମୃତି ଦିବସ ପାଳିତ

ଫୁଲବାଣୀ, (ପି.ଏନ): ଆଜି ଫୁଲବାଣୀ ମାଦିକୁନ୍ଦା ପୋଲିସ ପଡିଆଠାରେ ୬୨ତମ ପୋଲିସ ସହୀଦ ସ୍ମୃତି ଦିବସ ପାଳନ କରାଯାଇଛି । ଜିଲ୍ଲା ପୋଲିସ ବିଭାଗ ତରଫରୁ ପାଳିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ଯୋଗ ଦେଇ ସହୀଦ ପୋଲିସ କର୍ମଚାରୀ ମାନଙ୍କ ଉଦେଶ୍ୟରେ ସ୍ମୃତି ସ୍ତମ୍ଭରେ ପୁଷ୍ପ ମାଲ୍ୟ ପ୍ରଦାନ କରିବାପରେ ଶ୍ରଦ୍ଧାଳି ଅର୍ପଣ କରି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ବେଳେ ସହୀଦ ହୋଇଥିବା ସେମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ସେମାନଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଏସପି ତାଙ୍କର ବକ୍ତବ୍ୟରେ ରଖିଥିଲେ ଯେ ଦେଶ ପାଇଁ ଯେଉଁ ମାନେ ସହୀଦ ହୋଇଛନ୍ତି ଆମେ ତାଙ୍କୁ ଚିର ସ୍ମରଣୀୟ ରଖିବୁ ଏବଂ ତାଙ୍କ ବଳିଦାନ ଆମକୁ ଭଲ କାମ କରିବାକୁ ପ୍ରେରଣା ଯୋଗାଇବ । ତେବେ ଏହି ସହିଦ ଦିବସ ଅବସରରେ ଜିଲ୍ଲା ପୋଲିସ ପକ୍ଷରୁ ରିଜର୍ଭ ପଡିଆ ଠାରେ ସହିଦ ମାର୍ଗ ଉନ୍ମୋଚନ କରାଯାଇ



ଏସପିଙ୍କ କରକମଳରେ ବିଭିନ୍ନ ପ୍ରକାର ବୃକ୍ଷ ସହୀଦ ମାନଙ୍କ ନାମରେ ରୋପଣ କରାଯାଇଥିଲା । ଏହି ଅବସରେ ସହୀଦ ମାନଙ୍କ ପରିବାର ସଦସ୍ୟଙ୍କୁ ଉପଢ୍ୌକନ ପ୍ରଦାନ କରାଯାଇଥିଲା । ଏଥି ସହିତ ୨୧ତାରିଖରୁ ଆସନ୍ତା ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ସହୀଦ ମାନଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିପିନ ବିହାରୀ ବେହେରାଙ୍କ ସମେତ, ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁ,ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ,ଆର ଆଇ ଧର୍ମେନ୍ଦ୍ର ପ୍ରଧାନ, ସର୍ଜେଣ୍ଟ ସରୋଜ କୁମାର ବେହେରାଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ପୋଲିସ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ସହୀଦ ମାନଙ୍କ ସ୍ମୃତିରେ ପୋଲିସ ବ୍ୟାଣ୍ଡ ବାହୀନି ପକ୍ଷରୁ ଜାତୀୟ ସଙ୍ଗୀତ ପରିବକ୍ଷେଣ ପରେ ୩ ଥର ତୋପ ସଲାମୀ ଦିଆ ଯାଇଥିଲା। ପରେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ସହିଦ ସ୍ତମ୍ଭରେ ପୁଷ୍ପ ପ୍ରଦାନ କରିବା ସହିତ ସହୀଦ ମାନଙ୍କୁ ଶ୍ରଦ୍ଧାଳି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏସଓଜିର ଡେପୁଟି କମାଣ୍ଡେଣ୍ଟ ସନ୍ତୋଷ କୁମାର ଦଣ୍ଡସେନା ପରିଚାଳନା କରିଥିଲେ।

# ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ବାଣିବିହାର ଛକ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,(ପି.ଏନ): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାରେ ଗୃହରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଆଜି ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ କମିଟି ପକ୍ଷରୁ ସଭାନେତ୍ରୀ ଗିତାଳି ମହାଁଙ୍କ ନେତୃତ୍ୱରେ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ତତ୍ୱବଧାନରେ ବାଣିବିହାର ଛକସ୍ଥିତ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ପ୍ରତିମା ମଲ୍ଲିକ, ରଶ୍ମି ମହାପାତ୍ର, ସିଲି ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇ କହିଥିଲେ ଯେ ଆଜି ଓଡ଼ିଶାରେ ନାରୀ ମାନଙ୍କର ସୁରକ୍ଷା ନାହିଁ। ମା'କୁ ସମ୍ମାନ




ନାରା ଦେଇ ନବୀନ ବାବୁ ଭୋଟ ଭିକ୍ଷା କରୁଥିଲେ ମଧ ଆଜି ନାରୀକୁ ସମ୍ମାନ ଦେବାତ ଦୂରର କଥା ମହିଳାମାନେ ଦିନ ଦ୍ୱିପହରେ ରାସ୍ତାରେ ଯାଇପାରୁ ନାହାଁ । ମୁଖ୍ୟମନ୍ତ୍ରୀ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଇସ୍ତଫା ଦେବା ପାଇଁ କହିବା ପରିବର୍ତେ ତାଙ୍କୁ ଘଂଟ ଘୋଡ଼ାଉ ଥିବାରୁ ବକ୍ତାମାନେ ତୀବ୍ର ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ମହିଳା କଂଗ୍ରେସର ଏକ ପଟୁଆର ବାଣିବିହାର ଛକଠାରେ ଛାତ୍ର କଂଗ୍ରେସ କର୍ମକର୍ତାଙ୍କୁ ପୋଲିସ୍ ଗିରଫ କରୁଥିବା ସମୟରେ ଏହାର ପ୍ରତିବାଦ କରି ପୋଲିସ ଭ୍ୟାନ ଆଗରେ ବସିଥିଲେ ଏବଂ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ସର୍ବଶ୍ରୀ ଇନ୍ଦ୍ରମଣି ପ୍ରଧାନ, ବ୍ରହ୍ମାନନ୍ଦ ସାହୁ, ମିହିର ଆଚାର୍ଯ୍ୟ, ମୋହନ ଜେନା, ପିସିସି ସଂପାଦକ ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ଦେବରାଜ ମିଶ୍ର, ଲକ୍ଷ୍ମିପ୍ରିୟା ଦାସ, ସିପ୍ରା ଶତପଥି, ଶୁଭଦ୍ରା ମିଶ୍ର, ଲିମା ସାହୁ, ହିନା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# କଟକସଦର ଥାନା ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ସାଇବର ସଚେତନତା

ଫୁଲନଖରା,(ପି.ଏନ): କଟକସଦର ଥାନା ଅଂଚଳରେ ଥିବା ବରିଷ୍ଠ ନାଗରିକମାନଙ୍କୁ ପ୍ରତାପ ନଗରୀ ମା ଧାକୁଲେଇ ପୀଠ ସମ୍ମିଳନୀ ଗୃହରେ ୨୧ ତାରିଖ ଗୁରୁବାର ୧୧ ଘଟିକା ସମୟରେ ଜାତୀୟ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କଟକ ଡି.ସି.ପି. ପ୍ରତିକ୍ କୁମାର ସିଂହ ଯୋଗଦେଇ ରାଜ୍ୟରେ ଘଟୁଥିବା ସାଇବର କ୍ରାଇମ୍ ଉପରେ ବରିଷ୍ଠ ନାଗରିକମାନଙ୍କୁ ସୂଚନା ଦେଇ କହିଥିଲେକି, ବିଶେଷକରି ବ୍ୟାଙ୍କରେ ଟଙ୍କା ଉଠାଣ, ଏଟିଏମ୍ ବ୍ୟବହାର ଓ ପାସ୍ ୱାର୍ଡ୍ ସଂପୂର୍ଣ୍ଣ ସିକ୍ରେସି ରଖିବାକୁ ପରାମର୍ଶ ଦେଇଥିଲେ । ବିଶେଷକରି ବରିଷ୍ଠ ନାଗରିକମାନେ ସାଇବର କ୍ରାଇମରେ ବିଶୀ ଶିକାର ହେଉଥିବା ଦୃଷ୍ଟିଗୋଚର କରିଥିଲେ । ଯେତେବେଳେ ଆପଣମାନେ ସାଇବର ଠକେଇର ଶିକାରହେବେ ସଂଗେ ସଂଗେ ସାଇବର ହେଲପ୍ ଲାଇନ୍ କୁ




ଫୋନ କରିବେ ଏବଂ ବ୍ୟାଙ୍କ୍ ଆକାଉଣ୍ଟ ସଂଗେ ସଂଗେ ସିଜ୍ କରିବାକୁ ଗୁରୁତ୍ୱଆରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଇବର ଥାନାର ଆଇ.ଆଇ.ସି. ରେଣୁବାଳା ତ୍ରିପାଠୀ ସାଇବର ଠକେଇର ବିଭିନ୍ନ ସୂଚନାମାନ ଦେଇଥିଲେ । କଟକସଦର ଆଇ.ଆଇ.ସି. ସାଇବର ଠକେଇର ୧୪ ଗୋଟି ପଏଣ୍ଟ ଓ ଦିଗ ଉପରେ ବରିଷ୍ଠ ନାଗରିକମାନେ ସ୍ୱତନ୍ତ୍ର ଧ୍ୟାନ ଦେଇ ଯଦି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏ.ସି.ପି. ଚନ୍ଦନ ଘଡେଇ, ଏସ୍.ଆଇ. ଗଣେଶ ସାହୁ, ଏସ୍.ଆଇ. ବବିତା ସାହୁ, ନୋଡାଲ ଅଫିସର ଯୁଗଳ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ବରିଷ୍ଠ ନାଗରିକ ବିଦ୍ୟାଭୂଷଣ ଆଚାର୍ଯ୍ୟ, ସୁରେନ୍ଦ୍ରନାଥ ଛୋଟରାୟ, ଲଳିତ କୁମାର ଦାଶ, ଉମାକାନ୍ତ ନନ୍ଦ, ଦିଲ୍ଲିପ୍ କୁମାର ସ୍ୱାଇଁ, କାଳନ୍ଦୀ ଚରଣ ଶତପଥି, ଡ. ଅରବିନ୍ଦ ନନ୍ଦ, ପ୍ରମୋଦ କୁମାର ସ୍ୱାଇଁ ଓ ପ୍ରମୋଦ କୁମାର ବେହେରାଙ୍କ ସମେତ ୧୫୦ ରୁ ଉର୍ଦ୍ଧ ବରିଷ୍ଠ ନାଗରିକ ଯୋଗଦେଇ ସାଇବର କ୍ରାଇମ୍ ଉପରେ ସମସ୍ତ କଥା ପଚାରି ବୁଝିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray